Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 334
Thursday, 12 February 2026
Balasore, Page : 8, ₹ 2/-
ବାଲେଶ୍ୱର, ଗୁରୁବାର, ୧୨ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠାରୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ମହିଳା-ନେତୃତ୍ୱାଧୀନ ବିକାଶ ଆଦର୍ଶରେ ବିଶ୍ୱାସ କରନ୍ତି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୨ (ଆ.ପ୍ର) : ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଜନଭବନସନ ସେଂଟରଠାରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଥିଲେ । ଏହି ଅବସରରେ ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ ସଂସ୍କୃତୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ଓ ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ସ୍ୱାଇଁ, ଏବଂ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆୟୋଗର ବାର୍ଷିକ ରିପୋର୍ଟ, ନ୍ୟୁଜଲେଟର 'ବିଜୟିନୀ', ପାସପୋର୍ଟ ଟୁ ଓମେନ ଏମପାୱାରମେଣ୍ଟ' (Passport to Women Empowerment), ଏବଂ ନୂତନ ୱେବସାଇଟ୍ ଉନ୍ମୋଚିତ ହୋଇଥିଲା । ଏହା ସହିତ ସଫଳ ମିଳନ ହୋଇଥିବା ବ୍ୟକ୍ତିଙ୍କୁ ନେଇ ଏକ ସଂକଳନ 'ପୁନର୍ମିଳନ' ମଧ୍ୟ ଉନ୍ମୋଚିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ଆଜିର ଦିନଟି ମହିଳା ବିକାଶ ନୁହେଁ, ବରଂ 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି । ମହିଳାଙ୍କ

ବିରୋଧରେ ହେଉଥିବା ହିଂସା, ଅପରାଧ ଏବଂ ଲିଙ୍ଗଗତ ବୈଷମ୍ୟକୁ ସମ୍ପୂର୍ଣ୍ଣ ରୂପେ ଦୂର କରି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷ ମାନଙ୍କୁ ପ୍ରତିଷ୍ଠା ଦିବସ ଅବସରରେ ଫୁଲତୋଡ଼ା ବଦଳରେ ଫଳ ଦାଙ୍ଗୁଡ଼ି ବ୍ୟବହାର କରିବାର ଚିନ୍ତାଧାରାକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଏହାକୁ ଏକ ସୃଜନଶୀଳ ପଦକ୍ଷେପ ବୋଲି କହିଥିଲେ । ବୃତ୍ତମୂଳ ସ୍ତରରେ ଅପୁଷ୍ଟି ବିରୋଧରେ ଲଢ଼େଇ କରିବା ପାଇଁ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଫଳ ବଣ୍ଟନ କରିବାକୁ ସେ କରିଥିବା ଆହ୍ୱାନକୁ ମାନେ ପକାଇଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ସଠିକ୍ ପୋଷଣ ଏକ ସାମୂହିକ ଦାୟିତ୍ୱ । ଓଡ଼ିଶା ରାଜ୍ୟ ମହିଳା ଆୟୋଗର କାର୍ଯ୍ୟକୁ ପ୍ରଶଂସା କରି ସେ ମହିଳାମାନଙ୍କୁ ନିଜ ଆଖିରୁ ଲୁହ ପୋଛି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ଆହ୍ୱାନ କରିଥିଲେ । ସେ ଆଶ୍ୱାସନା ଦେଇଥିଲେ ଯେ ରାଜ୍ୟ ସରକାର ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିବଦ୍ଧ ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଏକ ସୁସ୍ଥ ରାଷ୍ଟ୍ରର ଗଠନ ଏକ ସୁସ୍ଥ ରାଜ୍ୟରୁ ହିଁ ଆରମ୍ଭ ହୋଇଥାଏ ଏବଂ ମହିଳାମାନଙ୍କ ଜଳାଶୟ ସୁନିଶ୍ଚିତ କରିବା ଦ୍ୱାରା ହିଁ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ । ସେ ସରକାରଙ୍କ ବିଭିନ୍ନ ଜନହିତକର ପଦକ୍ଷେପ, ବିଶେଷ କରି 'ଶୁଭି' ଯୋଜନା ଅଧୀନରେ ବିଶେଷାଂଶମାନଙ୍କୁ ମାଗଣା ସାନିଟାରୀ ନାପକିନ ପ୍ରଦାନ କରାଯାଇଥିବା ବିଷୟରେ ଆଲୋକପାତ କରିଥିଲେ ।ଏଥିସହ ଜୁମି ମୁକ୍ତ ଓଡ଼ିଶା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ୧ଗୁ ୧୯ ବର୍ଷ ବୟସର ପିଲାଙ୍କୁ ଏବଂ ୨୦ଗୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ ଔଷଧ ବଣ୍ଟନ କରାଯାଇଛି । ଏହି ଅବସରରେ ରାଜ୍ୟ ମହିଳା କମିଶନର ସଦସ୍ୟମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ପାଇଁ ରାଖିବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ରାଜ୍ୟସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟର ଛାତ୍ରୀ ମାନେ ଦକ୍ଷତା ପ୍ରଦର୍ଶନ କରି ଗୌରବ ଆଣିଛନ୍ତି ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ରଖିଥିଲେ । ଏହା ସହ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ସୁସ୍ଥ, ସୁରକ୍ଷିତ ଏବଂ ସଶକ୍ତ ସମାଜ ଗଠନରେ ହାତ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ । ସମାବେଶକୁ ସମ୍ବୋଧନ କରି ଅଧ୍ୟକ୍ଷା ଶୋଭନା ମହାନ୍ତି ମହିଳାଙ୍କ ବିରୋଧରେ ଲିଙ୍ଗଭିତ୍ତିକ ହିଂସା ଓ ଅପରାଧ ସମ୍ବନ୍ଧୀୟ ସମସ୍ୟା ସମାଧାନରେ ଆୟୋଗର ଉଲ୍ଲେଖନୀୟ ସଫଳତା ବିଷୟରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଆୟୋଗ ବୃଦ୍ଧ ହିଂସା, ବିବାହ ସମ୍ବନ୍ଧୀୟ ବିବାଦ, ଯୌତୁକ ସମସ୍ୟା ଓ ଯୌତୁକ ଜନିତ ମୃତ୍ୟୁ , ଆତ୍ମହତ୍ୟା ଓ ବ୍ୟକ୍ତିଗତ ଓ କାର୍ଯ୍ୟସ୍ଥଳରେ ଯୌନ ଶୋଷଣ ଘଟଣା ସମ୍ପର୍କିତ ମାମଲାଗୁଡ଼ିକୁ ଏକ ସୁସଂଗଠିତ ଓ ନିୟମିତ ଅଭିଯୋଗ ନିରାକରଣ ପ୍ରଣାଳୀ ମାଧ୍ୟମରେ ସମାଧାନ କରୁଛି ବୋଲି ମତପ୍ରକାଶ କରିଥିଲେ ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଚିନ୍ତାରେ କାଶ୍ମୀର ଚାଷୀ

ନୂଆଦିଲ୍ଲୀ, ୧୧/୨(ନ୍ୟୁ.ଏ): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପାଇଁ ହୋଇଥିବା ମିଳିତ ବିବୃତି ପରେ ଚିନ୍ତାରେ ପଡ଼ିଛନ୍ତି କାଶ୍ମୀରର ଫଳଚାଷୀ । ଯଦିଓ ଭାରତୀୟ ଫଳ ଓ ପନିପରିବାକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଯିବ ବୋଲି ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଦାବି କରିଛନ୍ତି, ତଥାପି ଏହି ଚୁକ୍ତି ହେଲେ କାଶ୍ମୀର ସେଓ ଓ ଅନ୍ୟାନ୍ୟ ଫଳ ବିଦେଶରୁ ତାହା ପ୍ରତିଯୋଗିତାର ସମ୍ମୁଖୀନ ହେବ ବୋଲି ସେଠାକାର ଫଳ ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । କାଶ୍ମୀର ଫଳଚାଷୀ ଓ ଡିଲର ସଂଘର ସଭାପତି ବସିର ଅହମ୍ମଦ କହିଛନ୍ତି ଯେ ଏହି ଚୁକ୍ତି କରାଗଲେ ଅମେରିକାରୁ ଭାରତକୁ ଆସୁଥିବା ସେଓ ଉପରେ ଭାରତ ଆମଦାନି ଶୁଳ୍କ ହ୍ରାସ କରିବ । ତେଣୁ ଏହା କାଶ୍ମୀର ସେଓର ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଏହା ଦ୍ୱାରା ଆମେରିକାର ଚାଷୀଙ୍କୁ ଲାଭ ପହଞ୍ଚିବ । କାଶ୍ମୀର ଓ ହିମାଚଳ ପ୍ରଦେଶର ଚାଷୀମାନେ ଏହା ଦ୍ୱାରା ଗୁରୁତର ଭାବେ କ୍ଷତି ସହିବାର ଆଶଙ୍କା ରହିଛି । ଏହି ଚୁକ୍ତି ରାଜ୍ୟର ଅର୍ଥନୀତି ପର୍ଯ୍ୟଟନ ପରେ ଫଳ ଚାଷ ଉପରେ ଅଧିକ ନିର୍ଭର କରିଥାଏ । ତେଣୁ ଏହି ଚୁକ୍ତି ଉତ୍ତର ଭାରତର ଏହି ସୁସ୍ଥ ଫଳ ଉତ୍ପାଦନକାରୀ ରାଜ୍ୟର ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ । ସମ୍ପ୍ରତି ଇରାନ, ଆମେରିକା, ନ୍ୟୁଜିଲାଣ୍ଡରୁ ହେଉଥିବା ସେଓ ଆମଦାନିର ପ୍ରତିକୂଳ ପ୍ରଭାବ ଭାରତୀୟ ଫଳ ଅର୍ଥନୀତି ଉପରେ ପଡୁଛି । ତେଣୁ ଆମେରିକୀୟ ସେଓ ଉପରେ ଆମଦାନି ଶୁଳ୍କ ହ୍ରାସ ପାଇଲେ ତାହା ଫଳ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେବ । ତେଣୁ ଏହାର ପୁନର୍ବିଚାର କରିବା ପାଇଁ କାଶ୍ମୀର ଫଳ ଚାଷୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବସୀର କହିଛନ୍ତି ।

ଭାରତ ବନ୍ଦ ପାଇଁ ଜିଏନଏମ୍ ବାର୍ଷିକ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୧୧/୨ (ଆ.ପ୍ର) : ଆସନ୍ତାକାଲି ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଜିଏନଏମ୍ ବାର୍ଷିକ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ରାଜ୍ୟ ସରକାରଙ୍କ ଓଡ଼ିଶା ନର୍ସ ଆଣ୍ଡ ମିଡୱାଇଫ୍ ପରୀକ୍ଷା ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ଏନେଇ ସୂଚନା ଦିଆଯାଇଛି । କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ବ୍ୟାଙ୍କିଙ୍ଗ୍ ମହାସଂଘଗୁଡ଼ିକ ପକ୍ଷରୁ ଆସନ୍ତାକାଲି ୧୨ ଘଂଟିଆ ସର୍ବଭାରତୀୟ ଧର୍ମଘଟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପରୀକ୍ଷାକୁ ସ୍ଥଗିତ ଘୋଷଣା କରିଛନ୍ତି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଆସନ୍ତାକାଲି ଅର୍ଥାତ୍ ଫେବୃୟାରୀ ୧୨ତାରିଖରେ ହେବାକୁ ଥିବା ଜିଏନଏମ୍ ଦ୍ୱିତୀୟ ବର୍ଷର ତୃତୀୟ ପେପର 'ମେଂଟାଲ ହେଲଥ ନର୍ସିଂ' ପରୀକ୍ଷାକୁ ସ୍ଥଗିତ ଘୋଷଣା କରାଯାଇଛି । ଛାତ୍ରଛାତ୍ରୀମାନେ ଯେଉଁଳି କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନହେବେ ସେଥିପାଇଁ ବୋର୍ଡ ପକ୍ଷରୁ ପରୀକ୍ଷା ସ୍ଥଗିତ ରଖିବା ସଂକ୍ରାନ୍ତରେ ଆଜି ବିଧିବଦ୍ଧ ନୋଟିସ୍ ଜାରି କରାଯାଇଛି । ସ୍ଥଗିତ ରଖାଯାଇଥିବା ଏହି 'ମେଂଟାଲ ହେଲଥ ନର୍ସିଂ' ପରୀକ୍ଷା ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ । ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା ସଂଶ୍ଳିଷ୍ଟ କର୍ତ୍ତୃପକ୍ଷ ଓ ପରୀକ୍ଷାର୍ଥୀମାନଙ୍କ ଅବଗତ ନିମନ୍ତେ ସୁସ୍ଥ ଡିଏମଇଟି ତଥା ଓଡ଼ିଶା ନର୍ସ ଆଣ୍ଡ ମିଡୱାଇଫ୍ ପରୀକ୍ଷା ବୋର୍ଡ ଆବାହକ ସୂଚନା ଦେଇଛନ୍ତି ।ସୂଚନା ଯୋଗ୍ୟ, ଜିଏନଏମ ବାର୍ଷିକ ପରୀକ୍ଷା ଫେବୃୟାରୀ ୩ରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲିର ଭାରତ ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ସରକାରୀ କର୍ମଚାରୀଙ୍କ ଅଫିସ୍ ଆସିବା ନିମନ୍ତେ ପରାମର୍ଶନାମା ଜାରି କରିଛନ୍ତି । ଏହି ଧର୍ମଘଟକୁ ବିରୋଧୀ ବିଜେଡି ସମେତ କଂଗ୍ରେସ ଓ ବାମଦଳ ସମର୍ଥନ ଦେଇଥିବାରୁ ଏହାର ପ୍ରଭାବ ରାଜ୍ୟବ୍ୟାପୀ ଅନୁଭୂତ ହେବାର ଆଶଙ୍କା ରହିଛି ।

ପଂଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ଆଗେଇ ନେବାକୁ ବିଜେଡି ସଭାପତିଙ୍କ ପରାମର୍ଶ

ଭୁବନେଶ୍ୱର, ୧୧/୨ (ଆ.ପ୍ର) : ଆଜି ନବୀନ ନିବାସରେ ଗଞ୍ଜାମଜିଲ୍ଲା ବିଜେଡିର ନେତାମାନେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଛେଡ଼ି ଜିଲ୍ଲାର ଦଳର ସାଂଗଠନିକ ସ୍ଥିତି, ଚାଷୀ ସମସ୍ୟା ଓ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ସମ୍ପର୍କ ରେ ଆଲୋଚନା କରିଥିଲେ । ଜିଲ୍ଲାରେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ନବ ଘୋଷିତ ପୌର ପରିଷଦ ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସାତ ଗୋଟି ULBରେ ପ୍ରଥମ କରି ନିର୍ବାଚନ ହେବାଠା ସହିତ ସଂଚାଲନ ନିର୍ବାଚନ ମଧ୍ୟ ପଞ୍ଚାୟତିସମିତି । ତେଣୁ ଏବେରୁ ଜିଲ୍ଲା ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ସଭାପତି ଗୁରୁତ୍ୱ ଆରୋପ କରିଥିଲେ ।

ନିକଟରେରେ ମଣ୍ଡିଗୁଡ଼ିକରେ ଚାଷୀମାନଙ୍କ ଇଜରାଣ ବିଷୟରେ ବିରୋଧୀ ଦଳ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଗଞ୍ଜାମର ନେତାମାନେ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇ ଥିଲେ । ଏ ପରେରେ ଶ୍ରୀ ପଟ୍ଟନାୟକ ଦେଇଥିବା ପ୍ରସ୍ତାବ ପ୍ରତି ଗଞ୍ଜାମ ଜିଲ୍ଲାର ଚାଷୀମାନଙ୍କ ଦୃଢ଼ ସମର୍ଥନ ରହିଛି ବୋଲି ସେମାନେ ଜଣାଇଥିଲେ । ଏହି ବୈଠକରେ ନବ ନିଯୁକ୍ତ କାର୍ଯ୍ୟକାରୀ ସଭାପତି ଦ୍ୱୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ପ୍ରତିହାରୀ, ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଭୁପ୍ତ ବଳିପାତ୍ର, ରମେଶ ଚନ୍ଦ୍ର ଚୋଲ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ ଓ ଗଂଜିମା ସାହୁଙ୍କ ସମେତ ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନେତାମାନେ ଉପସ୍ଥିତ ଥିଲେ ।

ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧/୨ (ଆ.ପ୍ର) : ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଏକାମ୍ର ହଲରେ ଭୁବନେଶ୍ୱର ବିଧାନସଭା କ୍ଷେତ୍ରର -ଏକାମ୍ର, ଉତରା, ମଧ୍ୟ ଓ ଜଟଣୀ ବିଧାନସଭା କ୍ଷେତ୍ରର ବୁଥ୍ ସ୍ତରୀୟ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନ ଅଧ୍ୟକ୍ଷତା କରି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ନାମ ଯୋଡ଼ା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ତଥ୍ୟ ସତ୍ୟାପନ ଓ ଘରେ-ଘରେ ଯାଂଚ କାର୍ଯ୍ୟ, ତ୍ରୁଟି ଶୂନ୍ୟ ଭୋଟର ଲିଷ୍ଟ ସମ୍ପର୍କରେ ବୃଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର ମାନଙ୍କୁ ଅବଗତ କରାଯାଇଥିଲେ । ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର କହିଥିଲେ ଯେ ଘର ଘର ବୁଲି ଭୋଟର ମାନଙ୍କ ତଥ୍ୟ ଯାଂଚ କରି ସ୍ୱତନ୍ତ୍ର ସଜନ ସଂଶୋଧନ ମ୍ୟାପିଂ ଶତ ପ୍ରତିଶତ କରିବାର ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରତିଦିନ ବୁଥ ସ୍ତରରୁ ସମୀକ୍ଷା କରି

ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ । ଯେଉଁ ବୁଥ ସ୍ତରରେ କମ ପ୍ରତିଶତ ମ୍ୟାପିଂ ହୋଇଛି ସେ ଅଂଚଳରେ କିପରି ଶତପ୍ରତିଶତ ହୋଇପାରିବ ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡିଏଲଓ ଓ ସୁପରଭାଇଜର ମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଂଚଳରେ ଏକ କ୍ୟାମ୍ପ କରି ଆଶା,କର୍ମୋରେଟରମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରି ସେମାନଙ୍କ ମ୍ୟାପିଂକୁ ତ୍ୱରାନ୍ୱିତକରିବା ଦିଗରେ ଆଲୋଚନା କରିଥିଲେ । ଏସଆଇଆର ସମ୍ବନ୍ଧରେ ଅଧିକରୁ ଅଧିକ ଲୋଟର ମାନଙ୍କ ମଧ୍ୟରେ ସଚେତନତା, ଜାଗିରୁକ ନେଟ ଆପ ଡାଉନଲୋଡ କରି ବୁକ ଏ କଲ ଲଇଥ ଡିଏଲଓ ମାଧ୍ୟମରେ ଲୋଟର ମାନେ କିପରି ନିଜର ମ୍ୟାପିଂ ଓ ନିଜର ଲୋଟର ତାଲିକା ବିଷୟରେ ସହେହ ଦୂର କରିବା ବିଷୟରେ ସଚେତନତାବୃଦ୍ଧି କରିବା ଉପରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଅଧିକାରୀମାନେ ଡିଏଲଓମାନଙ୍କୁ ସତର୍କତା, ପାରଦର୍ଶିତା ଓ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ କାର୍ଯ୍ୟରେ କୌଣସି ତ୍ରୁଟି ନ ହେବା ପାଇଁ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମାବଳ କରିବାକୁ ଜୋର ଦିଆଯାଇଥିଲା । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ଦେବତା, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ତୁଟିଲା ସାଇ-ନାଣ୍ଡୁ କଳି, ଆଜିଠୁ ତୁଳସୀ ଗଣନାଟ୍ୟ ମଂଚ ଚଢ଼ିବେ ସାଇ

ଭୁବନେଶ୍ୱର, ୧୧/୨ (ଆ.ପ୍ର) : ଭୁବନେଶ୍ୱରରେ ଭୟ ପକ୍ଷ ଆଲୋଚନା ହୋଇଥିଲା । ସେପଟେ ପାୟୁଷ, ସାଇଙ୍କ ଜଳି ଏଗ୍ରିମେଂଟ ବିବାଦରେ ଛବି ହୋଇଛନ୍ତି ଆଉ ଜଣେ ଯୁବ ବିଲେନ୍ ସତ୍ୟ ପତି । ତାଙ୍କୁ ନେଇ ମୁର୍ମାଁହିଁ ହୋଇଛନ୍ତି ଯାତ୍ରାଶ୍ରୀ ବିଶ୍ୱବରବାର ଓ କଳିଙ୍ଗ ଗଣନାଟ୍ୟ । ସତ୍ୟ

ବିଶ୍ୱବରବାରରେ ୨ ବର୍ଷିଆ ଚୁକ୍ତିରେ ଥିବା ବେଳେ ଆଗାମୀ ସିଜିନରେ କଳିଙ୍ଗ ଯିବାକୁ ଘୋଷଣା କରିବା ପରେ ବିବାଦ ଦେଖାଦେଇଛି । ଯାତ୍ରାରେ ସମାଧାନ ହେଲା ସାଇ-ନାଣ୍ଡୁଙ୍କ ମଧ୍ୟରେ ବିବାଦ । ଏଗ୍ରିମେଂଟକୁ ନେଇ ଝାମେଲା ପରେ ତୁଳସୀ ଗଣନାଟ୍ୟ ମଂଚ ଚଢୁ ନଥିଲେ ସାଇ ସତ୍ୟଜିତ ପଣ୍ଡା । ଆଜି ବିବାଦରେ ପୂର୍ଣ୍ଣଛେଦ ପଡ଼ିଛି । ବିବାଦ ତୁଟିଛି, ମନ ମିଶିବା ପରେ ଇଏ ଦୃଶ୍ୟ । ଆଗପଛ ହୋଇ ହୋଟେଲରୁ ବାହାରିଥିଲେ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧନ ଓ ସାଇ ସତ୍ୟଜିତ ପଣ୍ଡା । ହସି ହସି ଦୁଇଁ ବାହାରକୁ ବାହାରିଥିଲେ । ସବୁ ସମାଧାନ ହୋଇଛି ବୋଲି ନାଣ୍ଡୁ ଧନ କହିଥିବା ବେଳେ ଆଜିଠୁ ମଂଚ ଚଢ଼ିବେ କହିଛନ୍ତି ସାଇ । ବିବାଦର ସମାଧାନ ପାଇଁ ଭୁବନେଶ

ସେଠୋ ଆରମ୍ଭ
SETHO ARAMBHA

ଗୁରୁବାର, ୧୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରାଜ୍ୟ ସ୍ତରୀୟ ଫୁଟବଲ ଚମ୍ପିୟାନସିପ ଉଦଯାପିତ

ବାଲିଗୁଡ଼ା, ୧୧/୨ (ଆ.ପ୍ର) : କଳମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଡ଼ୁ ପଟ୍ଟନାୟକ ମିନି ଷ୍ଟାଡିଅମ ପରିସରରେ ରାଜ୍ୟସ୍ତରୀୟ ଫୁଟବଲ ଚମ୍ପିୟାନସିପ- ୨୦୨୬ ଚଳିତ ମାସ ୪ତାରିଖ ରେ ଆରମ୍ଭ ହୋଇ ୧୧ ତାରିଖରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପିତ ତଥା ଫାଇନାଲ ଖେଳ ଏଫ.ସି.ସମ୍ବଲପୁର ସହ ଜେ.ଡି. କ୍ଲବ ଫୁଲବାଣୀ ମଧ୍ୟରେ କଳା ମୁକାବିଲାର ସହ ଖେଳ ଆୟୋଜନ ହୋଇ ୧-୦ ଗୋଲରେ ଫୁଲବାଣୀ ବନ ବିଜୟୀ ହୋଇ ଉପଖଣ୍ଡ କ୍ରୀଡା ସଂଘ ଜପ ହାସଲ କରିପାରିଛି । ଏଥିରେ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, ଲ. କୃଷ୍ଣାଗାଁ ବ୍ଲକର ବିଜେପି ନେତା କୃଷ୍ଣ ମୋହନ ପାଣ୍ଡିଗ୍ରାହୀ, ଜେଡି କ୍ଲବର ପ୍ରତିଷ୍ଠାତା ଜଳଧର ବେହେରା, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ପ୍ରଥମ ସଟ ଦେଇ ଖେଳକୁ ଉଦଘାଟନ କରିଥିଲେ । ଏଥିରେ ଶ୍ରେଷ୍ଠ ସ୍କୋରର ଭାବେ ଜେଡି କ୍ଲବର ଜିତୁ ମୁଦୁଲି, ଶ୍ରେଷ୍ଠ ଗୋଲ କିପର ଭାବେ ରବି, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ ଅଜି ମୁଦୁଲି, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ରଞ୍ଜନ କୁମାର ମହାନ୍ତି ସ୍ମାରକୀ ଟ୍ରଫି ଜାତିକ ଦେଉଳାଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବିଜେଡୀ ଫୁଲବାଣୀ ଦଳକୁ ୩୧ହଜାର ୧ ଟଙ୍କା, ଏବଂ ଉପ ବିଜେଡୀ ସମ୍ବଲପୁର ଦଳକୁ ୨୫ହଜାର ୧ ଟଙ୍କା ସହ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ଫାଇନାଲ ଖେଳକୁ ମୁଖ୍ୟ ରେଫେରୀ ଭାବେ ଜିତେନ୍ଦ୍ର ପ୍ରସାଦ ସ୍ୱାଇଁ, କାମାଖ୍ୟା ପ୍ରସାଦ ପ୍ରଧାନ, ସୁଶିଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ । ଏଥିରେ ଉପଦେଷ୍ଟା ମଣ୍ଡଳୀର ଦେବବ୍ରତ ସିଂ ଦେଓ, ସୁରେନ୍ଦ୍ର କୁମାର ପାତ୍ର, ସୁଗ୍ର ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ଓ କୋଷାଧକ୍ଷ ରଞ୍ଜିତ କୁମାର ମହାନ୍ତି, କ୍ରୀଡା ସମ୍ପାଦକ ଶିବାଜନ ପଟ୍ଟନାୟକ, ଗଙ୍ଗାଧର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ସୁଚିତ କୁମାର ପାଢ଼ି, ଏ. ଶ୍ରୀନିବାସ ବୋରା ତଥା କ୍ରୀଡା ଆୟୋଜକ ଉପଦେଷ୍ଟା ମଣ୍ଡଳୀର ସମସ୍ତ ସଦସ୍ୟ ଖେଳ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଲହୁଣୀପଡ଼ାରେ ଦେଢ଼ ବର୍ଷ ହେଲା ହାଇମାସ୍ଟ ଲାଇଟ ଅଚଳ, ଅନ୍ଧାରରେ ବଢୁଛି ରୋଡ଼ ରୋମିଓଙ୍କ ଉତ୍ପାତ

ବଣାଇଁ, ୧୧/୨ (ଆ.ପ୍ର) : ଲହୁଣିପଡ଼ା ବସଷ୍ଟାଣ୍ଡ ସ୍ଥିତ ମୁଖ୍ୟଛକର ହାଇମାସ୍ଟ ଲାଇଟ୍ ଦେଢ଼ ବର୍ଷ ହେବ ଅଚଳ ହୋଇ ରହିଛି । ସ୍ଥାନୀୟ ସରପଂଚଙ୍କୁ କିଛି କୃଷିଜୀବି ବାରୟାର ଏ ବିଷୟରେ ଜଣାଇବା ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଇ ନଥିବା ଦେଖିବାକୁ ମିଳିଛି । ରାତି ହେଲେ ବସଷ୍ଟାଣ୍ଡ ଆଖପାଖ ଅଂଚଳରେ ଘନ ଅନ୍ଧକାର ଛାଇଯିବା ସହିତ ଅସାଧୁ ଲୋକଙ୍କ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗୁଛି । ଏହାଛଡ଼ା ଟିକସନ୍ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କୁ ସବୁଦିନେ ଏକ ଭୟ ଲାଗି ରହୁଥିବା କଥା ଅଭିଭାବକ ମାନଙ୍କ ପାଖରୁ ଶୁଣିବାକୁ ମିଳୁଛି । ଏଠାରେ ମୂତନା ଥାଇ ଜି, ରାତିରେ ଭୁବନେଶ୍ୱର, କଟକ ଯିବାପାଇଁ ରାତ୍ରିକାଳୀନ ବସ୍‌ରୁ ରାତ୍ରି ପ୍ରାୟ ୯:୩୦ ରୁ ୧୦:୦୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ।ଯେଉଁଠାରେ ଲହୁଣିପଡ଼ା ଅଂଚଳରେ ଆଜି ପର୍ଯ୍ୟନ୍ତ ଏକ ବସଷ୍ଟାଣ୍ଡ ନିର୍ମାଣ କରାଯାଇ ନାହିଁ, ତେଣୁ ବସରୁ ଅପେକ୍ଷା କରିବା ସମୟରେ ସାଧାରଣତଃ ମହିଳାମାନେ ବିଭିନ୍ନ ଅସୁବିଧା ଓ ଭୟର ବଶବର୍ତ୍ତୀ ହେଉଛନ୍ତି ଓ ଅନେକ ମହିଳା ଏହି ସମୟରେ ରୋଡ଼ ରୋମିଓଙ୍କ ଦ୍ୱାରା ନିଜର ସମ୍ମାନ ହାନି ହେଉଥିବାର ମଧ୍ୟ କହିଛନ୍ତି । ଏହାଛଡ଼ା ଘନ ଅନ୍ଧାର ଯୋଗୁଁ ଚୋରି, ସଡ଼କ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିବାକୁ ଲାଗିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଛକରେ ଲାଗିଥିବା ହାଇମାସ୍ଟ ଲାଇଟ୍ ଟି ଯେହେତୁ ଅନେକ ବର୍ଷ ପୂର୍ବେ ଲଗା ଯାଇଥିଲା ତେଣୁ ସେତେବେଳେ ଲଗା ଯାଉଥିବା ଅତ୍ୟନ୍ତ ଛୋଟ ଲାଇଟ୍ ଖୁଂଟ ବା ପୋଲ୍ ସେଠାରେ ଲଗା ଯାଇଥିଲା ।ଯାହାକି, ଛକ ଆଖପାଖ ଅଂଚଳକୁ ପର୍ଯ୍ୟାପ୍ତ ପରିମାଣର ଆଲୋକ ପ୍ରଦାନ କରି ପାରୁ ନାହିଁ । ଏହାଛଡ଼ା ଛକ ଖୁଂଟରେ ଝଞ୍ଝା ଯାଇଥିବା ଲାଇଟ୍ ଗୁଡ଼ିକ ମଧ୍ୟ ଅନେକ ଥର ଅଚଳ ହେବାପରେ ବାରୟାର ମରାମତି କରି କରି ଏବେ ସମ୍ପୂର୍ଣ୍ଣ ଭାବରେ ଅଚଳ ହୋଇ ପଡିଛି । ତେଣୁ କିଛି ସ୍ଥାନୀୟ ଯୁବଗୋଷ୍ଠୀ ଆଜି ସକାଳେ ଏମାନେ ଲହୁଣିପଡ଼ା ସରପଂଚ ନେଲସନ୍ ହେମ୍ବ୍ରମ ଓ ଲହୁଣିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ସେଠାର ମୁଖ୍ୟ କିରାଣୀ ମନୋଜ ପଟେଲଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଅଚଳ ହୋଇଥିବା ପୁରୁଣା ହାଇମାଷ୍ଟ ଲାଇଟ୍ ସହିତ ପୁରୁଣା ଲାଇଟ୍ ଖୁଂଟକୁ ମଧ୍ୟ ପରିବର୍ତ୍ତନ କରି ସମଗ୍ର ବସଷ୍ଟାଣ୍ଡ ପରିସରକୁ ଆଲୋକିତ କରି ପାରୁଥିବା ଭଳିଆ ଏକ ନୂତନ ଖୁଂଟ ସହିତ ଆଲୋକିକରଣ କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି । ତେବେ ଲହୁଣିପଡ଼ା ବ୍ଲକ କୁ ସବୁ କ୍ଷେତ୍ରରେ ଅବହେଳା କରି ସେଠାକାର ଜନସାଧାରଣଙ୍କୁ ତାଙ୍କର ମୌଳିକ ଅଧିକାର ଉପଭୋଗ କରିବାରୁ ବାରୟାର ବଂଚିତ କରା ଯାଉଅଛି ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି ।

ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀଙ୍କ ବିଡିଓଅ ଅନୁଗୋଳ ଗସ୍ତ ଏବଂ ସ୍ୱତନ୍ତ୍ର ସମୀକ୍ଷା ବୈଠକ

ଅନୁଗୋଳ, ୧୧/୨ (ଆ.ପ୍ର) : ଆଜି ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ବିଜିଜିଆ ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ପ୍ରସଦର ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପାନୀୟ ଜଳ ସମସ୍ୟାକୁ ସର୍ବାଗ୍ରେ ପ୍ରାଧାନ୍ୟ ଦେଇ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦୃଢ଼ତିର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟପ୍ରବାହକୁ ବୃଦ୍ଧିରେ ରଖି ନଳକୂପ ସମ୍ବନ୍ଧୀୟ ସମସ୍ୟା ସବୁକୁ ଯଥାଶୀଘ୍ର ସମାଧାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀମାନଙ୍କର ଯୋଗ୍ୟତା ସଠିକ ଭାବରେ ଯାଂଚ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କହିଥିଲେ । ସେହିପରି ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ଅନୁମୋଦିତ ସମସ୍ତ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭିବି-ଜି-ରାମ-ଜି (VB-GRAM-G) ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଯଯାତି କେଶରୀ ପଟ୍ଟନାୟକ ଏବଂ ମାନ୍ୟବର ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ଶ୍ରୀ ବିଲେଶ୍ୱର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବବ୍ରତ ମହାନ୍ତଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯ୍ୟାତନା ଓ ମଣ୍ଡିରୁ ଚାଷୀଙ୍କ ଧାନ ନ ଉଠିବା ପ୍ରସଙ୍ଗରେ ଆନ୍ଦୋଳନ ନେଇ ବିଜେଡିର ପ୍ରସ୍ତୁତି ବୈଠକ

ବାଲିଗୁଡ଼ା, ୧୧/୨ (ଆ.ପ୍ର) : ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି,ଜବର ଦଖଲ ଉଚ୍ଛେଦ ଭଳି ବିଭିନ୍ନ ପ୍ରସଙ୍ଗ ନେଇ ବାଲିଗୁଡ଼ାରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ବିଜେଡି ଉପସଭାପତି ଟୁନା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ବିଜେଡି ପକ୍ଷରୁ ଏକ ବାଇକ ଶୋଭାଯାତ୍ରା କରାଯିବା ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜେଡି ପକ୍ଷରୁ ଏହି ପ୍ରସ୍ତୁତି ବୈଠକ କରାଯାଇଛି । ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ବାଲିଗୁଡ଼ା ନଗର ବିଜେଡି ସଭାପତି ସାବେକ ଉଦିନ, ବାଲିଗୁଡ଼ା ବ୍ଲକ ବିଜେଡି ସଭାପତି ଅବନୀକାନ୍ତ ନାୟକ, ଏନ-ଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ । ବିଜେପିର ଉଦେଶ୍ୟରେ ମାତ୍ରର ସରକାରରେ ରାଜ୍ୟରେ ଚାଲି ଚାଲିଥିବା ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଜବର ଦଖଲ ଉଚ୍ଛେଦ ନାଁରେ ଘର ଭଙ୍ଗା ଯିବା ସହ ମଣ୍ଡିରୁ ଚାଷୀଙ୍କ ଧାନ ନ ଉଠିବା ଭଳି ବିଭିନ୍ନ ସମସ୍ୟାକୁ ନେଇ ବଡ଼ ଧରଣର ଆନ୍ଦୋଳନ କୁ ଓଲାହାଲକ ବୋଲି ବିଜେଡି କହିଛି । ଏଥିସହ କଳମାଳ ଜିଲ୍ଲାର ତିନୋଟି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିବାଦ କରିବା ସହ ଜିଲାପାଳ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଥାନା ଘେରାଉ କରିବ ବୋଲି ମଧ୍ୟ ବିଜେଡି ଚେତାବନୀ ଦେଇଛି ।

ନୂତନ ପେନସନ ଯୋଜନା ସଚେତନତା ଶିବିର ଆୟୋଜିତ

ରାୟଗଡ଼ା, ୧୧/୨ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ରାୟଗଡ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ପେନ୍‌ସନ ଯୋଜନା (NPS) ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା ଓ ଏହି ଶିବିରରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ NPS ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ କୋଷାଗାର ଓ ନିରାକ୍ଷଣ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱରରୁ ମନୋରଞ୍ଜନ ସାହୁ, ହିସାବ ଅଧିକାରୀ ଓ ଅରବିନ୍ଦ ସାହୁ, ହିସାବ ଅଧିକାରୀ ଉପସ୍ଥିତ ରହି NPS ସମ୍ପର୍କିତ ବିଭିନ୍ନ ପ୍ରାଯୋଗିକ ପ୍ରସଙ୍ଗ ଉପରେ ଆଲୋଚନାପ୍ରତ କରିଥିଲେ ଓ NPS ଖାତା ଖୋଲିବା, ଅଂଶଧାନ ଜମା, ସଂଶୋଧନ ପ୍ରକ୍ରିୟା, ଅଭିଯୋଗ ନିରାକରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେମାନେ ସ୍ପଷ୍ଟ ବ୍ୟାଖ୍ୟା ଦେଇଥିଲେ । ଏହି ଶିବିରରେ ଶ୍ରୀମତୀ ମିତଶନା ରାଉତ ଜିଲ୍ଲା କୋଷାଗାର ଅଧିକାରୀ, ଶ୍ରୀ ପଙ୍କଜ କୁମାର ମଣ୍ଡଳ,ଅତିରିକ୍ତ କୋଷାଗାର ଅଧିକାରୀ, ଉପ-କୋଷାଗାର ଅଧିକାରୀମାନେ, ବିଭିନ୍ନ ବିଭାଗର ଭାରପ୍ରାପ୍ତ ଓ ବିତରଣ ଅଧିକାରୀ (DDO), NPS ଅନ୍ତର୍ଗତ କର୍ମଚାରୀ (Subscribers) । କୋଷାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅଂଶଗ୍ରହଣକାରୀମାନେ ନିଜ-ନିଜ ସମସ୍ୟା ଉପସ୍ଥାପନ କରିଥିବାବେଳେ, ସଂସାଧକ ବ୍ୟକ୍ତିମାନେ ସେଗୁଡ଼ିକର ସମାଧାନ ସମ୍ପର୍କରେ ଯଥାଯଥ ମାର୍ଗଦର୍ଶନ ପ୍ରଦାନ କରିଥିଲେ ଓ ଶିବିର ଶେଷରେ ଏପରି ସଚେତନତା କାର୍ଯ୍ୟକ୍ରମ NPS ଅନ୍ତର୍ଗତ କର୍ମଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପକାରୀ ବୋଲି ମତ ପ୍ରକାଶ ପାଇଥିଲା ।

ହିନ୍ଦୁ ସମ୍ମିଳନୀରେ ଗେରୁଆମୟ ହେଲା ବରସୁଆଁ ଭ୍ୟାଲି

ବଣାଇଁ, ୧୧/୨ (ଆ.ପ୍ର) : ଲହୁଣିପଡ଼ା ବ୍ଲକ ଶଙ୍ଖକଳା ଫଂଚାୟତ ଅନ୍ତର୍ଗତ ବରସୁଆଁଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବର୍ଷିକୀ ପୂର୍ତ୍ତି ଅବସରରେ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ବସଷ୍ଟାଣ୍ଡ ସ୍ଥିତ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ହିନ୍ଦୁ ସମ୍ମିଳନୀ ଓ ଧର୍ମରକ୍ଷା ଯଜ୍ଞ ଆୟୋଜିତ ହୋଇ ଯାଇଅଛି । ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପରିସର ଭିତରୁ ସକାଳ ୯ ଘଂଟା ସମୟରେ ଧର୍ମରକ୍ଷା ଯଜ୍ଞ ଉଦେଶ୍ୟରେ ୨୫୧ ଟି କଳସ ସହିତ ଏକ ଶୋଭାଯାତ୍ରା ବାହାରି ନିକଟସ୍ଥ ନଦୀରୁ ମାତୃମଣ୍ଡଳୀ ନିଜ ନିଜର କଳସରେ ଜଳ ଭରି ପୂଜାର୍ଚ୍ଚନା ସହିତ କୀର୍ତ୍ତନର ତାଳେ ତାଳେ ପୁଣିଥରେ ଉକ୍ତ ମନ୍ଦିରର ଯଜ୍ଞ ମଣ୍ଡପ ନିକଟରେ ପୂର୍ଣ୍ଣ କଳସ ସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ବରସୁଆଁ ନିକଟବର୍ତ୍ତୀ ଅଂଚଳର ମୋଟ ପ୍ରାୟ ୫୦୦ ଜଣ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।ସଭାକାର୍ଯ୍ୟ ସମୟରେ ମଂଚରେ ମୁଖ୍ୟ ବକ୍ତା ଭାବେ ରାଉରକେଲା ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମାଁ ତାରିଣୀ ମନ୍ଦିରର ସେବିକା ପ୍ରଭାତୀ ପରିଡ଼ା, ସମ୍ମାନୀତ ଅତିଥି ଭାବେ ଯଜ୍ଞ କମିଟି ସଭାପତି ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରାଜେଶ ବେହେରା କାର୍ଯ୍ୟକ୍ରମର ସଂଯୋଜକ, ଶଶିଭୂଷଣ ମାହାନ୍ତ ସହ-ସଂଯୋଜକ ଓ ରମେଶ ରାମ ସମ୍ପାଦକ ଦାୟିତ୍ୱ ବହନ କରିଥିଲେ ।ମୁଖ୍ୟବକ୍ତା ଅନାଦି ଚରଣ ମାହାନ୍ତ ତାଙ୍କ ଅଭିଭାଷଣରେ ସଂଘ ପରିବର୍ତ୍ତନର ମହତ୍ତ୍ୱ ପର୍ବ ସଙ୍କୁଚରେ ଉପସ୍ଥାପନା କରିଥିଲେ । ସଂଘ ପରିବର୍ତ୍ତନ ଅର୍ଥାତ୍ ଗୁରୁତ୍ୱ ପ୍ରବୋଧନ, ବୃ-ବୋଧ, ସାମାଜିକ ସମରସତା, ପର୍ଯ୍ୟାବରଣ ସଂରକ୍ଷଣ ଓ ନାଗରିକ କର୍ତବ୍ୟ ସହିତ ଭାରତୀୟ ମାନେ ନିଜ ନିଜର କର୍ତବ୍ୟକୁ ସୁଚାରୁରୂପେ ପାଳନ କଲେ ଭାରତବର୍ଷ ନିଶ୍ଚିତ ଭାବରେ ଦିନେ ଏକ ସୁଖ, ସମୃଦ୍ଧିରେ ପରିପୂର୍ଣ୍ଣ ବିଶ୍ୱଗୁରୁ ରାଷ୍ଟ୍ର ଭାବରେ ଗଢି ଉଠିବ ଏବଂ ହିନ୍ଦୁ ଧର୍ମ ବିନା ବିକଶିତ ଭାରତର କଳ୍ପନା ଅସମ୍ଭବ ବୋଲି କହିଥିଲେ । ସଭାକାର୍ଯ୍ୟ ପରେ ସାମୂହିକ ହନୁମାନ ଚାଳିଶା ପାଠ କରା ଯାଇଥିଲା ।ଛୁଟିକୁଟି ପିଲାମାନଙ୍କୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶ ଦ୍ୱାରା ସୁସଜ୍ଜିତ କରାଯାଇଥିଲା, ଯାହା କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।ଲହୁଣୀପଡ଼ା ଖଣ୍ଡ କାର୍ଯ୍ୟବାହ ଫକିର ମୋହନ ମାହାନ୍ତ ମଂଚ ପରିଚାଳନା କରିଥିଲେ ଏବଂ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶେଷର ସମସ୍ତେ ପ୍ରସାଦ ସେବନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜ୍ଞାନେନ୍ଦ୍ର ମାହାନ୍ତ, ଚିତାନନ୍ଦ ସାହୁ ଓ ସମସ୍ତ ଗୁରୁଜୀ ଗୁରୁମା ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମନ୍ତ୍ରୀ କନକବର୍ଦ୍ଧନ ଓ କୃଷ୍ଣ ପାତ୍ରଙ୍କ କୁଶପୁତଳିକା ଦାହ

ଅନୁଗୋଳ, ୧୧/୨ (ଆ.ପ୍ର) : ଗତକାଲି ଅନୁଗୋଳ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଜିଲ୍ଲା କିଷାନ କଂଗ୍ରେସ ସଭାପତି ସୌମେନ୍ଦ୍ର ବେହୁରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ବଜାର ଛକଠାରେ ସାରା ରାଜ୍ୟରେ ମଣ୍ଡିର ଅବ୍ୟବସ୍ଥା, ଧାନ କିଣିବାରେ ହେରଫେର ଓ କରନି ଛଟମା, ଏବେହି କୃଷକ ରାସ୍ତା ଉପରେ ଧାନବସ୍ତା ରଖି ପ୍ରତିବାଦ ଓ ପ୍ରତିରୋଧ କରିବାଳିଥିବା ପ୍ରତିବାଦରେ ରାଜ୍ୟ ସରକାରଙ୍କ ବ୍ଲକ ମନ୍ତ୍ରୀ କୃଷି ମନ୍ତ୍ରୀ ଜନକ ବର୍ଦ୍ଧନ ସିଂହଦେଓ ଓ ଖାଦ୍ୟ ଓ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର କୁଶପୁତଳିକା ଦାହ କରାଯାଇଥିଲା । କିଷାନ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଜି ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ କୃଷକମାନଙ୍କ ସମସ୍ୟା ପ୍ରତି ଆଖି ବନ୍ଦ

ଶୀର୍ଷକ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହର ଉଦଯାପନୀ ଉତ୍ସବ
ଆଧ୍ୟାତ୍ମିକତାବାଦ ମାନବ ସମାଜକୁ ଶୃଙ୍ଖଳିତ କରେ

ଭୋଗରାଇ, ୧୧/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନକିଆ ପଂଚାୟତ ଅନ୍ତର୍ଗତ ସନ୍ତୋଷୀ ମା' ନିଜ ମାର୍କେଟ, କୃଷ୍ଣାଘାଟ ଠାରେ ସନ୍ତୋଷୀ ମାତା ମନ୍ଦିର କମିଟି ପକ୍ଷରୁ ୫ ଦିନ ବ୍ୟାପୀ ଆୟୋଜିତ ୪୫ ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସନ୍ଧ୍ୟାର ସଭାରେ ଉତ୍ସବ କମିଟି ସଭାପତି ଲୋକନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଗାମନଗର ପଂଚାୟତ ସମିତି ସଦସ୍ୟା ବୀରଜା ସାହୁ, ମୁଖ୍ୟବକ୍ତାଭାବେ ବୀଣାନଂ ଜୋନ ଜିଲ୍ଲା ପରିଷଦ ତଥା ଭୋଗରାଇ କଂଗ୍ରେସ ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ବାରିକ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଂଚ ବ୍ରଜକିଶୋର ମହାନ୍ତି ଓ ଚିତ୍ତାନନ୍ଦ ପାନ, ସମାଜସେବୀ ତପନ ପାତ୍ର, ଯୁବୋ ବ୍ୟାଙ୍କ ପୂର୍ବତନ ଶାଖା ପରିଚାଳକ ତଥା ସମାଜସେବୀ ଅସିତ ବାନ୍ଦ, ଭଡ ନ୍ୟାୟାଳୟର ଆଇନଜୀବୀ ବିଚିତ୍ରାନନ୍ଦ ଦାସ, ପୂଜା କମିଟିର ସଭାପତି ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଆଧ୍ୟାତ୍ମିକତାବାଦ ମାନବ ସମାଜକୁ ଶୃଙ୍ଖଳିତ କରେ ଏବଂ ସଂପୃକ୍ତ ଅଂଚଳର ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆହ୍ୱାନ ଦେଇଥିଲେ । କମିଟି ଉପସଭାପତି ପ୍ରତାପ କୁମାର ସେଠୀ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ଦେବେ ସୀମାନ୍ତ ହାଇ ସ୍କୁଲର ଶିକ୍ଷକ ରାଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ସଙ୍ଗୀତ ଶିଆଳ ମୋଲାଡ଼ିର ବିଜିନ୍ କଳାକାର ତଥା ଜୀ ସାର୍ଟକ ଚେନାଲର 'ତୁମଭିନା' ସିରିଏଲର ନାୟିକା 'ଲକ୍ଷ୍ମୀ' ଦ୍ୱାରା ମନଲୋଭା ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆକର୍ଷଣୀୟ ମେଳା, ବିଦ୍ୟୁତ ଆଲୋକମାଳାର ସଜ୍ଜସଜ୍ଜା, ବିପଣୀ ଓ ମୀନାବଜାର ଏହି ସମାରୋହରେ ମନୋରଞ୍ଜନକୁ ଆହୁରି ଅଧିକ ଶୋଭାକର ଯୋଗାଇଥିଲା । ଆରମ୍ଭ ଫେବୃଆରୀ ୧୩ ତାରିଖ ଶୁକ୍ରବାର ଦିନ ୧୦ ଘଟିକାରୁ ମାଆଙ୍କ ପାଖରେ ଲାଗିଯାଇଥିବା ପ୍ରସାଦ (ଅନ୍ନଭୋଗ) ସେବନର ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର କମିଟିର ସ୍ଥାୟୀ ସଭାପତି ସୁରେଶ ଚନ୍ଦ୍ର ଜେନା, ଉପସଭାପତି ପ୍ରତାପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି, ସହସମ୍ପାଦକ ଉମେଶ ଚନ୍ଦ୍ର ଗିରି, ଗୋଷାଧ୍ୟକ୍ଷ ଫୁଲଂଶୁ ଶେଖର ଜେନାଙ୍କ ପ୍ରମୁଖ ପକ୍ଷରୁ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷୀ ମାତା ନିଜ ମାର୍କେଟ କମିଟି ସଭାପତି ହରେନ୍ଦ୍ରନାଥ ଦାସ, ଉତ୍ସବ କମିଟି ସଦସ୍ୟ ଭକ୍ତବାନ୍ଧବ ମହାନ୍ତି, ମନୁଅ କୁମାର ତୋଳା, ସୁଧାଂଶୁ ମହାନ୍ତି (ବାପି), ଖୁଦିରାମ ମହାନ୍ତି, କାଦୁଚରଣ ଜେନା, ପୂର୍ଣ୍ଣଚନ୍ଦ୍ର ପାନ, ତ୍ରିନାଥ ପାନ, ତପାଗତ ମିଶ୍ର, ରାଜକିଶୋର ମହାନ୍ତି, ନମିତା ପାନ, ବ୍ରଜକିଶୋର ମହାନ୍ତି, ଘନଶ୍ୟାମ ପାଢ଼ା, ତପନ ପାତ୍ର, ମଦନ ପରିଡ଼ା, ଦୁର୍ଗାଶଙ୍କର ଗିରି, ବଟାଚ୍ଚ ପାନ, ଜଗଦୀଶ ଦାସ, ସୁରପତି ଜେନା, ଭାଲୁକ ଜେନା, ଅଜୟ ପାତ୍ର, ଧନଞ୍ଜୟ ତୋଳା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଧାନକିଣାରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ଭୋଗରାଇ, ୧୧/୦୨ (ଆ.ପ୍ର) : ଭୋଗରାଇରେ ଥିବା ୧୯ଟି ଗୋଟି ସେବା ସମବାୟ ସମିତିର ସମ୍ପାଦକମାନେ ମିଳିତ ଭାବେ ମିଲର ମାନଙ୍କ ମନମାନି ଓ ଟାର୍ଗେଟ ଠାରୁ କମ ଧାନ କିଣାକୁ ନେଇ ବାଲେଶ୍ୱର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ସ୍ମିତା ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାରୁ ପ୍ରକାଶ, ଓଡ଼ିଶାରେ ଚଳିତ ଖରିଫ ୨୦୨୫-୨୬ ଧାନ କିଣାକୁ ନେଇ ଚାଷୀମାନେ ପଞ୍ଜିକରଣ କରିଛନ୍ତି । ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି ଯେ ସମସ୍ତ ସମବାୟ ସମିତିକୁ ଟାର୍ଗେଟ ମଧ୍ୟ ଦିଆଯାଇଛି । କିନ୍ତୁ ମିଲର ମାନଙ୍କ ମନମାନି ଓ ଟାର୍ଗେଟ ଠାରୁ କମ ଧାନ କିଣାକୁ ନେଇ ଏବେ ଚିନ୍ତାରେ ସମସ୍ତ ସମବାୟ ସମିତି । ଏଭଳି ଘଟଣା ଦେଖିବାକୁ ମିଳିଛି ଭୋଗରାଇ ବ୍ଲକରେ ଥିବା ୧୯ ଗୋଟି ସମବାୟ ସମିତିରେ । ସେମାନଙ୍କୁ ଦିଆ ଯାଇଥିବା ଟାର୍ଗେଟ ଏବଂ ଧାନ କିଣୁଥିବା ମିଲରଙ୍କ ଟାର୍ଗେଟ ମଧ୍ୟରେ କୌଣସି ତାଳମେଳ ରହୁନି । ତାହାଛଡ଼ା ମିଲରଙ୍କ ମନମାନି

ଫଳରେ ଚାଷୀମାନେ ସମବାୟ ସମିତିରେ ଆସି ପାଟିତୁଣ୍ଡ କରୁଛନ୍ତି । ଏନେଇ ଭୋଗରାଇରେ ଥିବା ୧୯ଟି ଗୋଟି ସେବା ସମବାୟ ସମିତିର ସମ୍ପାଦକମାନେ ମିଳିତ ଭାବେ ବାଲେଶ୍ୱର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ସ୍ମିତା ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଚଳିତ ଖରିଫ ୨୦୨୫-୨୬ ଧାନ କିଣା ପାଇଁ ପ୍ରତ୍ୟେକ ସୋସାଇଟିକୁ ଆବଶ୍ୟକ ଠାରୁ ଯଥେଷ୍ଟ କମ ପରିମାଣରେ ମିଲର ଯୋଗାଇ ଦିଆଯାଉ ଅଛି ଓ କମ୍ ଟାର୍ଗେଟ ଦିଆଯାଇଛି । ସୋସାଇଟି ସହିତ ସଂଯୋଗ ହୋଇଥିବା ମିଲ ମାନେ ପ୍ରତି ସପ୍ତାହରେ ଥରେ କିମ୍ବା ଦୁଇଥର ଧାନ ନେଉଛନ୍ତି ଏବଂ କିଛି ମିଲର ମାନେ ଆଉ ଧାନ ନେବେ ନାହିଁ ବୋଲି ରୋଡ୍ ଠୋଡ୍ ମନା କରୁଛନ୍ତି । ବାରମ୍ବାର ଭାରିଶୁଦ୍ଧ ଅଫିସର ମାନଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ । ଭୋଗରାଇ ବ୍ଲକରେ ବର୍ତମାନ ସୁଧା ୨୫ ପ୍ରତିଶତରୁ କମ୍ ଧାନ କିଣା ଯାଇଛି । ଏଭଳି ପରିସ୍ଥିତିରେ ଚାଷୀ ମାନଙ୍କର ଟୋକନ୍ ଲେଖ କରିବା ପାଇଁ ବସିଛି । ପ୍ରତ୍ୟେକ ଦିନ ଶତାଧିକ ଚାଷୀ ସମିତିକୁ ଆସି ପାଟିତୁଣ୍ଡ କରୁଛନ୍ତି । ଯଦି ଆମକୁ ଟାର୍ଗେଟ ଓ ମିଲର ଯୋଗାଇବା ସହିତ ପ୍ରତ୍ୟେକ ଦିନ ଧାନ ଉଠାଇବା ପାଇଁ ମିଲ୍ ମାନଙ୍କୁ ଚାପିଦି କରା ନ ଯାଏ ତେବେ ଆଗାମୀ ଦିନରେ ଚାଷୀ ମାନଙ୍କ କ୍ଷତି ସହିତ ଯେଉଁ ବିଦ୍ରୋହାତ୍ମକ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସମବାୟ ସମିତି ଦାୟୀ ରହିବ ନାହିଁ, ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ଏଆରସିଏସ ବାଲେଶ୍ୱର, ଏଆରସିଏସ ବାଲେଶ୍ୱର, ଭୋଗରାଇ ତହସିଲଦାର, ଭୋଗରାଇ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଉକ୍ତ ଦାବିପତ୍ରର ନକଲ ଜମି ପ୍ରେରଣ କରିଛନ୍ତି । ନିତ୍ୟାନନ୍ଦ ମଣ୍ଡଳ, ଖମପ୍ରକାଶ ଘୋଷ, ଚିତରଞ୍ଜନ ମହାନ୍ତି, ସଞ୍ଜିବ କୁମାର ଦାସ ମହାପାତ୍ର ଙ୍କ ସହିତ ସମସ୍ତ ସେବା ସମବାୟ ସମିତିର ସମ୍ପାଦକମାନେ ଉପସ୍ଥିତ ଥିଲେ ।

ରାଧାନାଥ ପୁରାଣ ପ୍ରତି ସଚେତନ ଥିଲେ: ବିଜୟଲକ୍ଷ୍ମୀ ଦାଶ

ନାଳଗିରି, ୧୧/୦୨ (ଆ.ପ୍ର) : ମହାଯାତ୍ରା ସାତ ସର୍ଗ ବିଶିଷ୍ଟ କାବ୍ୟ ଅଟେ । ଏହା ଅପୂର୍ଣ୍ଣ କାବ୍ୟ ଅଟେ । ଉକ୍ତକବି ମଧୁସୂଦନ ରାଓ ଏହାର ମୁଖବନ୍ଧ ଲେଖିଛନ୍ତି । ଓଡ଼ିଶା ଐତିହ୍ୟବନ୍ତ ରାଜ୍ୟ ଅଟେ । ମହାଯାତ୍ରାରେ ସୁପ୍ରସାରିତ ଜାତୀୟତାର ଉଦ୍ଦେଶ୍ୟ ଘଟିଛି । କବିଙ୍କ ନିଜସ୍ୱରେ ମାତୃଭାଷା ଓ ମାତୃଭୂମି ପ୍ରତି ମମତ୍ୱବୋଧ ଦେଖାଦେଇଛି । କବିଙ୍କର ଜଳୁନାର ପ୍ରୀତି ପ୍ରତଂଷ ଥିଲା । ମହାଯାତ୍ରା ଅମିତାକ୍ଷର ଛନ୍ଦରେ ରଚିତ ହୋଇଛି । ଆଶିର୍ମଣ୍ଡିୟାଗୁ କବିବରଙ୍କ ମହାଯାତ୍ରା ଆରମ୍ଭ ହୋଇଛି । ମହାଭାରତର ସ୍ୱର୍ଗାରୋହଣ ପର୍ବରୁ ମହାଯାତ୍ରାର ବିଷୟ ସଂଗ୍ରହ ହୋଇଛି । ଡ଼ିଟିଶମାନେ କବିବରଙ୍କ ଦୃଷ୍ଟିରେ କଳିରାଜା । ରାଧାନାଥଙ୍କ ଠାରେ ଜାତୀୟତାର ଝଲକିଲା ପୂର୍ବରୁଠିଟି । ସ୍ୱାଧୀନତାର ବୀଜବିତ୍ ମହାଜାତ୍ୟରେ ନିହିତ । ଅମିତ୍ରାକ୍ଷର ଛନ୍ଦ ମହାଯାତ୍ରାର ପରମ ଆକର୍ଷଣ । ସର୍ବୋପରି ତତ୍ସମ ଶବ୍ଦ, ଯତିପାତ ବ୍ୟବହାର ମହାଯାତ୍ରାରେ ଅତୀବ ଗମଣୀୟ କେଲି ସ୍ୱର୍ଣ୍ଣିତ୍ରୁ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୯୧ ତମ ଆଲାସୀ ପାଠକ୍ରମରେ ଅତିଥି ପ୍ରଫେସର କଂଦୁପାଣି ସାମନ୍ତ ଓ ଆଲୋଚିକା ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ପ୍ରଜ୍ଞାଣ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ସ୍ମିପ୍ରିସ୍ମା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ କୁମାରୀ ନିବେଦିତା ମହାପାତ୍ର ସମ୍ପ୍ରଚ୍ଛ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଆସରରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

ରାସ୍ତା ଦୁର୍ଘଟଣାରେ ପିଅନ ମୃତ, ରାଜପଥ ଅବରୋଧ

ନାଳଗିରି, ୧୧/୦୨ (ଆ.ପ୍ର) : ଜେଳିକ ଚତୁର୍ଥଶ୍ରେଣୀ କର୍ମଚାରୀ ନିଜ ମଟରସାଇକେଲରେ ଯାଇଥିବାବେଳେ ଏକ

ପାଣିଟାଙ୍କି ଧକ୍କାଦେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନଲୀଳା ସାରିଛି । ସୂଚନାନୁସାରେ ଜଣାଯାଇଛି, ନାଳଗିରି ବ୍ଲକ୍ ଗରଡିହି ପଂଚାୟତ ଅସନବଣୀ ଗ୍ରାମର ରୁଦ୍ରୟା ସିଂହ ପୁତ୍ର ବାବୁଲିବଣ୍ଟୁ ସିଂ ତେଲିପାଲ ହାଇସ୍କୁଲରେ ପିଅନଭାବେ କାର୍ଯ୍ୟକରନ୍ତି । ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ ୮.୩୦ସମୟରେ ଓଡି ୦୧-ଜି ୨୨୪୦ନଂ ହୋଣ୍ଡା ସାଇନ୍ ଗାଡ଼ିରେ ତେଲିପାଲ ସ୍କୁଲକୁ ଯାଉଥିବା ସମୟରେ ନାଳଗିରି - କଣ୍ଟ୍ରିପଦା ୧୯ନଂ ରାଜ୍ୟରାଜପଥର କୁଇଡିହା ହୋଟେଲ ନିକଟରେ ଉକ୍ତ ରାସ୍ତାନିର୍ମାଣରେ ନିୟୋଜିତ ଓଆର -୦୪ସି ୪୫୫୭ନଂ ଏକ ପାଣିଟାଙ୍କୀରର ଡ୍ରାଇଭର ହଠାତ୍ ତାହାଙ୍କୁ କାଟିଦେବାରୁ ବାବୁଲିବଣ୍ଟୁଙ୍କ ମଟରସାଇକେଲରେ ଜୋର୍ ଧକ୍କା ହୋଇଥିଲା । ଫଳରେ ବାବୁଲି ଛିଟିକି ପଡ଼ିବାଫଳରେ ତାଙ୍କର ଛାତି, ମୁଣ୍ଡ, ମୁହଁରେ ଶକ୍ତ ଆଘାତ ଲାଗିଥିଲା । ସ୍ଥାନୀୟଲୋକ ଉଦ୍ଧାରକରି ବରଡମପୁର ଚାଲିଚାଲାନ୍ ନେଇଥିଲେ ସେହି ଡାକ୍ତର ମୃତଘୋଷଣା କରିଥିଲେ । ଖବର ପ୍ରଚାରିତ ହେବାପରେ ବିଦ୍ୟାଳୟରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ରାଜପଥ ଅବରୋଧକରି ନ୍ୟାୟ ଦାବିରେ ଧାରଣାରେ ବସିଥିଲେ । ପରେ ପୋଲିସ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସାହାଯ୍ୟରେ ଘଟଣାର ସମାଧାନ କରାଯାଇ ମୃତ ବାବୁଲିବଣ୍ଟୁଙ୍କ ପରିବାରକ ଶବସତ୍କାର ପାଇଁ ୧୦ହଜାର ଟଙ୍କା ଏବଂ ଶୀଘ୍ରଚାକିରୀ ଏକ ଚେକ୍ କମ୍ପାନୀପକ୍ଷରୁ ପ୍ରଦାନ କରାଯାଇଥିଲା । ପରେ ରାସ୍ତାଅବରୋଧ ହଟିଥିବା ଜଣାପଡ଼ିଛି । ତେବେ ମୃତ ବାବୁଲିବଣ୍ଟୁଙ୍କ ପୁତ୍ର ଅଜୟ ସିଂ ବରଡମପୁର ଥାନାରେ ଏକ ଲିଖିତ ଅଭିଯୋଗକରିଥିବା ଜଣାଯାଇଛି ।

୩୯ ବର୍ଷର ସୀମା ସୁରକ୍ଷା ବଳରେ ସେବା, ଏବେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ

ନାଳଗିରି, ୧୧/୦୨ (ଆ.ପ୍ର) : ଯୋଗେଶ୍ୱର ବେହେରା ଏକ ଅଦମନୀୟ ବ୍ୟକ୍ତିତ୍ୱ । ଯିଏ ଦୀର୍ଘ ୩୯ ବର୍ଷ ଧରି ସୀମା ସୁରକ୍ଷା ବଳରେ ଦେଶ ମାତୃକାର ସେବା କରିବା ପରେ ଅବସର ଗ୍ରହଣ କଲାପରେ ରାଜନୀତିରେ ପାଦ ଥାପିଛନ୍ତି । ଅନ୍ତର୍ଜାତୀୟ ସୀମାରେଖା, ଭାରତ ପାକିସ୍ତାନ ସୀମାରେଖା, ବାଂଲାଦେଶ ଭାରତ ସୀମାରେଖା ରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିବାର ଯଥେଷ୍ଟ ଅଭିଜ୍ଞତା ଓ ଦେଶ ମାତୃକାର ସେବା କରିବା ଉଦ୍ଦେଶ୍ୟରେ ଶନ୍ତୁ ସାମ୍ରାରେ ପାରେଗା ଭଳି ଛିଡ଼ା ହୋଇଥିବା ଏକ ଦୃଢ଼ସଂକଳ୍ପ ବ୍ୟକ୍ତିତ୍ୱ । ଏବେ ଏବେ କଂଗ୍ରେସ ଦଳରେ ସାମିଲ ହୋଇ ଶୃଙ୍ଖଳିତ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର ଜନ୍ମ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ।ଦେଶକେବାପା ସ୍ୱର୍ଗତଃ କୃଷ୍ଣ ଚନ୍ଦ୍ର ବେହେରା, ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଣୀ ସଂଗ୍ରାମୀ ଥିଲେ । ପିତା ରାମଚନ୍ଦ୍ର ବେହେରା ଦୀର୍ଘଦିନ ଧରି କଂଗ୍ରେସ ଦଳରେ

ଜଡ଼ିତ ରହି ଅଖଣ୍ଡ ଭାରତ ଗଠନ ପାଇଁ ଆନ୍ଦୋଳନ ଚଳାଇଥିଲେ । ସେ ଜଣେ ଜାତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଜେଲ ଯାତ୍ରା କରିଛନ୍ତି । ଏ ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପଚାରିଲେ ସେ କୁହନ୍ତି ଦୀର୍ଘ ୩୯ ବର୍ଷର ଶୃଙ୍ଖଳିତ ଜୀବନ ଆଜି କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବା ଓ ଆଗକୁ ଆଗେଇ ନେବାରେ ସହାୟକ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ନିଯୁକ୍ତି ପାଇଁ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କୁ କୃତଜ୍ଞତା ଜଣାଇ ଥିବା ବେଳେ ନାଳଗିରି ବ୍ଲକ ସଭାପତି ତପନ କୁମାର ରାଉତ, ଓଇପାଳ ବ୍ଲକ୍ ସଭାପତି ବସନ୍ତ ବାଶ ତଥା ନାଳଗିରିର ସମସ୍ତ ବୟୋଜ୍ୟେଷ୍ଠ କଂଗ୍ରେସ ନେତା ଜିଲ୍ଲା ସ୍ତରୀୟ ନେତାଙ୍କୁ ଏକ ନବ ଉଦ୍ଦୀପନା ଉତ୍ସାହ ଓ ଶୃଙ୍ଖଳିତ ଭାବେ ଦଳକୁ ସଂଗଠିତ କରିବା ପାଇଁ ଆଶୀର୍ବାଦ ଶିକ୍ଷା କରିବା ସହିତ ସଠିକ୍ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି ।

ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ବରିଷ୍ଠ କଂଗ୍ରେସ ନେତା ମୂରଲୀ ମୋହନ ସାହୁ

ବାଲିଆପାଳ, ୧୧/୦୨ (ଆ.ପ୍ର) : ଓଡ଼ିଶା ପିସିସି ପକ୍ଷରୁ ବାଲିଆପାଳ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ମୂରଲୀ ମୋହନ ସାହୁ ଏବଂ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସେକ୍ରେଟାରୀ ଭାବେ ସରୋଜ କୁମାର ପିଜାଙ୍କୁ ନିଯୁକ୍ତି ମିଳିଛି । ଦୀର୍ଘ ଦିନ ପରେ ଓଡ଼ିଶା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା, ବ୍ଲକ ଓ ଟାଉନ୍ କମିଟି କରାଯାଇଛି । ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟ ଶିବ ଦାସଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ଜିଲ୍ଲା କମିଟିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ବାଲିଆପାଳ ବ୍ଲ ବ୍ଲକ ଜଣଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନ ଦେଇଥିବାରୁ ବାଲିଆପାଳ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ତଥା ଜିଲ୍ଲାର କଂଗ୍ରେସ କମିଟିର କର୍ମକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଶ୍ରୀ ସାହୁ ଛାତ୍ର ଜୀବନ ରାଜନୀତି ଜୀବନ ଆରମ୍ଭ କରି ମଧ୍ୟପୁରା ଫଂଗାଷରର ଫାଂ ଥର ସରପଂଚ ଭାବେ କାର୍ଯ୍ୟ ତୁଲାଇ ଆସିଛନ୍ତି । ମଧ୍ୟପୁରା ସୋସାଇଟିର ସଭାପତି ଓ ବିଜିନ୍ ଅନୁଷ୍ଠାନରେ ଜଡିତ ରହିଛନ୍ତି । ସେହିପରି ଶ୍ରୀ ପିନା ଛାତ୍ର ଜୀବନରୁ ରାଜନୀତି ଜୀବନ ଆରମ୍ଭ କରି ଦୁଇ ଥର ସୋସାଇଟ ଡାଇରେକ୍ଟର, ବ୍ଲକ ଯୁବ କଂଗ୍ରେସ ସଭାପତି, ଏବେ ଦେବଳା ପଂଚାୟତ ସରପଂଚ ଭାବେ କାର୍ଯ୍ୟରତ ।

ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପାଠଚକ୍ର

ନାଳଗିରି, ୧୧/୦୨ (ଆ.ପ୍ର) : ନାଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ପାଠଚକ୍ର ଭାରପ୍ରାପ୍ତ ଅଧ୍ୟକ୍ଷା ମମତା ବଗାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଇଂଜିନିୟର ଭୁବନେଶ୍ୱର ବେହେରାଙ୍କ ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢ଼ିଙ୍କି ଶୀର୍ଷକ ପାଠଚକ୍ରରେ ବିଷୟ ବିଶେଷଜ୍ଞ ଭାବରେ ରେଭେନ୍ୟୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ଭାଷାବିତ୍ ନବବର ଶତପଥୀ ଯୋଗଦେଇ ଶୀର୍ଷକ ଉପରେ ଏକ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶିବାନୀ ଡଗଲ, କୁଳିଅର ମହାବିଦ୍ୟାଳୟ ଶ୍ରୀଯୁକ୍ତ ସତ୍ୟରଞ୍ଜନ ମିଶ୍ର, ସଂସ୍କୃତ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ପତି, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ମର୍ମିମାଳା ବିଶ୍ୱାଳ, ଅଧ୍ୟାପକ ମିମିସୁମ୍ରା ରୋଜ, ମମତା ପ୍ରିୟଦର୍ଶିନୀ ସାହୁ ପାଠଚକ୍ରରେ ଉପସ୍ଥିତ ଥିଲେ । ଉକ୍ତ ପାଠଚକ୍ରକୁ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିବାବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା । ଏହି ପାଠଚକ୍ରରେ ବିଭାଗର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

ନାରାୟଣ ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ, ୧୧/୦୨ (ଆ.ପ୍ର) : ଚାକିରି ପଛରେ ନପଡି ଜୀବନର ଲକ୍ଷ ଦିଗରେ ଅଗ୍ରସର ହୁଅ, ଚାକିରି ତୁମ ପଛରେ ଗୋଡାଇବ, ସଫଳତା ହାସଲ ପରେ ଅର୍ଥ ଲାଳସାରେ ଖବର କାଗଜ ପୃଷ୍ଠାରେ ଶିରୋ

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଯଦା ଯଦା ହି ଧର୍ମସ୍ୟ

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମ୍ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।
ପରିତ୍ରାଣାୟଚ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।

ଅର୍ଥାତ୍ ଯେତେବେଳେ ଧର୍ମର କ୍ଷୟ ଓ ଅଧର୍ମର ବୃଦ୍ଧି ହୁଏ ସେତେବେଳେ ଧର୍ମର ପ୍ରତିଷ୍ଠା ପାଇଁ ମୋର ଅବତାରୀ ହୁଏ । ବର୍ତ୍ତମାନ ପରିସ୍ଥିତିରେ ଦେଖିବାକୁ ଗଲେ ସକଳ ଧର୍ମର ଅବସ୍ଥା ଶୋଚନୀୟ ଦେଖାଯାଉଛି । ଧର୍ମର ଅସଲ ମର୍ମକୁ ଲୋକେ ଭୁଲି ଯାଇଛନ୍ତି । ଧର୍ମର ମାନ୍ୟତା ଓ ମର୍ଯ୍ୟାଦା ଲୋପ ପାଇବାରେ ଲାଗିଛି । ବିଶ୍ୱରେ ମାନବିକତାର ଉତ୍କୃଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ । ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର , ଗୁଣ୍ଡା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି । ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାଲୁ ଭଲୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟମୂର୍ତ୍ତି ମାର୍ଗ ବୋଲି ବିବେଚୁଛନ୍ତି । ପ୍ରାକୃତିକ ବିପ୍ଳବ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି । କେଉଁଠି ବୁଡ଼ିଛି ତ କେଉଁଠି ଲୟଙ୍କର ବୃଦ୍ଧି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି । ଏପରିକି ଏଡ୍, ସ୍ୱାଇନ୍‌ଫ୍ଲୁ ଏବଂ ଇବୋଲା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି । ଏଥିରେ ଭଲୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି । ଏହି ପରିସ୍ଥିତିରେ ଧର୍ମ ଧିରାକୁ ବେଳି ରଖିବା ତଥା ଧର୍ମ ସଂସ୍ଥାପନାର୍ଥାୟକୁ ପ୍ରତିଷ୍ଠା କରିବା ପାଇଁ କେହି ଜଣେ ଐଶୀ ବୃତ୍ତର ଆଗମନ ଆବଶ୍ୟକ ମନେ ହେଉଛି । ପବିତ୍ର କୋରାନ କୁହେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଗୋଷ୍ଠୀରେ ନବୀ,ରସୁଲ ବା ଅବତାରମାନେ ସତେତକ ବା ପଥପ୍ରଦର୍ଶକ ଭାବେ ଆବିର୍ଭାବ ହୋଇଥାନ୍ତି । ରସୁଲାମ କୁହେ କୌଣସି ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଉଚିତ୍ । ସତ୍ୟ ଯୁଗରେ ନୃସିଂହ ଅବତାର ଆସିଥିଲେ । ପାପି ହିରଣ୍ୟକଶପକୁ ବଧ କରି ଅବତାରରୁପ ସମ୍ମାନ ଓ ମର୍ଯ୍ୟାଦା ପ୍ରାପ୍ତି କରିଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ଅବତାରରୁପ ବେଶରେ ଆସିଥିଲେ । ପାପି ରାବଣର ଲଙ୍କାକୁ ଧ୍ୱଂସକରି ରାବଣକୁ ନିପାତ କଲେ । ଏବଂ ଅଧର୍ମକୁ ବିନାଶ କରି ଧର୍ମକୁ ପ୍ରତିଷ୍ଠା କଲେ । ସେହିଭଳି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ରୂପରେ ଆସି ପାପି କଂସର ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି "ବିନାଶାୟ ଚ ଦୁଷ୍କୃତାମ୍''ର ନିଦର୍ଶନ ଦେଖାଇଲେ । ନବୀଶ୍ରେଷ୍ଠ ଫିରୋସ୍ତ ହଜରତ ମୁହମ୍ମଦ ସଲ୍ଲମ୍ ଜୁହନ୍ତି ଭାରତ ବର୍ଷରେ କଲ୍କେଶ୍ୱା ନାମକ ଜଣେ ଅବତାର ଆସିଛନ୍ତି, ଯାହାଙ୍କ ଗଙ୍ଗ ଯ୍ୟାମନ । ପବିତ୍ର ଜନ୍ମଷ୍ଟମୀ ଦିବସ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ । ଜନ୍ମ ଦିନର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜାର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଏହି ଦିନ ଗରବର ସହିତ ମାନରେ ପ୍ରକୃତ କୃଷ୍ଣ ପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧ୍ୟାତ୍ମିକ ଜୀବନ ଚରିତ ଏବଂ ସାଙ୍କେତିକ ଲୀଳାକୁ ବୁଝିବା ଆବଶ୍ୟକ । ଶ୍ରୀକୃଷ୍ଣ ଥିଲେ ଗୋପ ଓ ଗୋପାମାନଙ୍କ ପାଳକ । ଯାହାକୁ ଅନ୍ୟ ଅର୍ଥରେ ଗୋପାଳ କୁହାଯାଏ । ଶ୍ରୀକୃଷ୍ଣ ବିଷୟରେ କୁହାଯାଏ କି ସେ ଗୋପାମାନଙ୍କର ବସ୍ତ୍ର ହରଣ କରି ତାଙ୍କ ସହ ଜଳକେଳୀ କରୁଥିଲେ । ଅର୍ଥାତ୍ ସେ ତାଙ୍କ ମାନ୍ୟକାରୀ ମାନଙ୍କ ଠାରୁ ସେମାନଙ୍କ ଧର୍ମ ଈଶ୍ୱରୀୟ ଜ୍ଞାର୍ଣ୍ଣନ ଓ ମଳିନ ଚୋଷାକୁକୁ ହଟାଇ ଐଶ୍ୱରୀୟ ବାଣୀ ଦ୍ୱାରା ଧର୍ମପିପାସୁଙ୍କ ତୃଷା ନିବାରଣ କରୁଥିଲେ । କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ୍ୱ କୌଣସି ଧ୍ୱନୀ ନାହିଁ । ଯେଉଁଟି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀୟ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା । ସେ ଈଶ୍ୱରଙ୍କ ବାଣୀକୁ ଗୋପାମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର,ଦ୍ୱାର,କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧ୍ୟାନ କରେ ନିଜ ଆରାଧ୍ୟ ଦେବତାଙ୍କୁ, ସେ ହେଉଛନ୍ତି ରାଧା । ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଭବ । କୃଷ୍ଣ ନାମ ଜପ କରିବା ଓ ଧ୍ୟାନରତ ହେବାରେ ଲୟାସନାଳାଗାର ଜୀବନ ଉଦ୍‌ଭାସିତ ହୋଇଥାଏ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, '' ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । '' ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ । ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଶୋଚନା କରନାହିଁ । ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି ।

ସୁସ୍ଥ ନିର୍ବାଚନ ହିଁ ସୁସ୍ଥ ଗଣତନ୍ତ୍ରର ମୂଳଦୁଆ

।। ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ ।।

ଭାରତ ଏକ ବହୁଦଳୀୟ ଓ ସଂସଦୀୟ ଗଣତନ୍ତ୍ର । ଏଠାରେ ସମ୍ବିଧାନ ଓ ଆଇନର ଶାସନ ଚଳେ । ଆମ ସମ୍ବିଧାନର ମୂଳ ତତ୍ତ୍ୱ ହେଲା ଜନାଦେଶ ହିଁ ସାର୍ବଭୌମ ଏବଂ ଶାସନ ଜନାଦେଶ ଦ୍ୱାରା ଗଠିତ ସରକାର ହିଁ ଚଳାନ୍ତି । ଏ ସବୁତ ଗଲା ସମ୍ବିଧାନର ବର୍ଣ୍ଣନ ଓ ମୂଲ୍ୟବୋଧ । କିନ୍ତୁ ବାସ୍ତବିକ ପ୍ରୟୋଗରେ କେତେ ଗଣତନ୍ତ୍ର ଓ କେତେ ଜନମତର ଶାସନ ସମ୍ଭବ ହୁଏ, ତାହା ତର୍କର ବିଷୟ । ସବୁ ମତବାଦ, ତତ୍ତ୍ୱ ଓ ଆଦର୍ଶବାଦ, ମୂଳଦୁଆ ହୋଇ ରହିଲେ ମଧ୍ୟ ପ୍ରୟୋଗାତ୍ମକ ରାଷ୍ଟ୍ରନିକ ରାଜନୀତି କ୍ଷେତ୍ରରେ ସେ ସବୁର ଆବଶ୍ୟକତାରେ ଅବମୂଲ୍ୟାୟନ କରିବାକୁ ପଡ଼ିଥାଏ । ଏହି ପ୍ରକ୍ରିୟା ଉଣାଅଧିକେ ସମସ୍ତେ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଲକ୍ଷିତ ହୋଇଥାଏ । ଭାରତ ମଧ୍ୟ ଏହି ପ୍ରୟୋଗାତ୍ମକ ନିୟମର ଅଧୀନ ।

ଏହି ପୃଷ୍ଠଭୂମିରେ ଆମେ ଯଦି ୧୯୭୭ ସାଧାରଣ ନିର୍ବାଚନ ପରଠାରୁ ସମସ୍ତ ନିର୍ବାଚନର ପ୍ରକ୍ରିୟା ଅନୁଶୀଳନ କରିବା ତେବେ ଦେଖିବା ଯେ ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଇସ୍ତାହାର ବା ସଂକଳପତ୍ରରେ ଆଦର୍ଶଗତ ନୀତି ଅପେକ୍ଷା ସାମୟିକ ସୁବିଧାବାଦର ପରିଚୟକୁ ପ୍ରାଧାନ୍ୟ ଦିଆଯାଇଛି । ସେହି ଅନୁସାରେ ନିର୍ବାଚନ ପ୍ରଚାର ପ୍ରସାରରେ ଆଦର୍ଶବାଦ, ନୈତିକତା, ଯୁକ୍ତିସଙ୍ଗତ ଆଲୋଚନା, ଶାଳୀନ ଭାଷାର ପ୍ରୟୋଗ ତଥା ବିନା ଧନ ଓ ବାହୁବଳରେ ଜନ ସମର୍ଥନ ହାସଲ କରିବାର ପରମ୍ପରା ଅସ୍ତମିତ ହୋଇଯାସିଛି । ଅପରପକ୍ଷରେ ଜାତି, ଧର୍ମ, ଲାଖ୍ୟ ଆଦିକୁ ଅସ୍ତ୍ର କରି ଭୋଟଦ୍ୟାଙ୍କ ତୁଷ୍ଟି କରିବା, ଧନ ଓ ବାହୁବଳରେ ଡରାଇ ଧମକାଇ ପ୍ରଲୋଭିତ କରି ଭୋଟ ହାସଲ କରିବା ତଥା ବହୁ ଆଡ଼ମ୍ବରପୂର୍ଣ୍ଣ ନିର୍ବାଚନ ରାଲି ଓ ରୋଡ଼ ଶୋ ଆୟୋଜନ କରି ଏବଂ ନିର୍ବାଚନ ଅଭିଯାନରେ ଅନୈତିକ, ଅଶାଳୀନ ପ୍ରକ୍ରିୟା ଅବଲମ୍ବନ କରି, ବୁଲାଖାର ପ୍ରୟୋଗ କରି, ହିଂସାତ୍ମକ ପନ୍ଥା ଆଚରଣ କରି, ଅଯଥାଯଥ ପ୍ରଶ୍ନଭୂମି ଥିବା ପ୍ରାର୍ଥୀ ମାନଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ମନୋନୟନ କରି ତଥା ନିର୍ବାଚନରେ ମୀତିଗତ ତର୍କକୁ ପ୍ରାୟ ସମ୍ପୂର୍ଣ୍ଣ ଏଡ଼ାଇ ଦେଇ ସାମ୍ପ୍ରତିକ ନିର୍ବାଚନ କୌଶସି ମତେ ଭାରତୀୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତିପାଦନ କରୁନାହିଁ ବୋଲି ଅଭିଜ୍ଞ ପର୍ଯ୍ୟବେକ୍ଷକଙ୍କ ମତ । ନିର୍ବାଚନକୁ ଏକ ଯୁଦ୍ଧକ୍ଷେତ୍ର ମନେ କରି ଯୁଦ୍ଧ ପରିଚାଳନା ଓ ବ୍ୟୁହ ରଚନା ଆଦି ରଣନୀତିର ବହୁଳ ପ୍ରୟୋଗ ଦେଖାଯାଉଛି ।

ସମ୍ପ୍ରତି ଭାରତର ଅଷ୍ଟାଦଶ ସାଧାରଣ ନିର୍ବାଚନରେ ପ୍ରାୟ ସବୁ ମୁଖ୍ୟ ରାଜନୈତିକ ଦଳ ମାନଙ୍କ ପକ୍ଷରୁ ଯେଉଁଭଳି ନିର୍ବାଚନ ପ୍ରଚାରର ଘୋର ପ୍ରତିଯୋଗିତା ଚାଲିଛି ତାହା ବେଶ ଉଦ୍ବେଗଜନକ । ଚରିତ୍ର ସଂହାର, ବ୍ୟକ୍ତିଗତ ଆକ୍ରୋଶ, ହିଂସାତ୍ମକ ଆକ୍ରମଣ ଓ ପ୍ରତିଆକ୍ରମଣ ଓ ଘନ କୋଳାହଳମୟ ପ୍ରଚାରକୁ ଦେଖିଲେ ଅନେକ ଅଭିଜ୍ଞ, ବରିଷ୍ଠ ନାଗରିକ ତଥା ଶିକ୍ଷିତ ଓ ସମ୍ଭ୍ରାନ୍ତ ବର୍ଗ ଯେ କାହିଁକି ନିର୍ବାଚନରେ ଭାଗ ନେଲା ନାହାନ୍ତି ତାହା ସହଜରେ ଅନୁମେୟ । ଗତ ୨୦୧୯ ସାଧାରଣ ନିର୍ବାଚନରେ ୨୦ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ଭୋଟ ଦେବାକୁ ନ ଆସିବା ନିଶ୍ଚୟ ପରିତାପର ବିଷୟ । ବର୍ତ୍ତମାନ ନିର୍ବାଚନରେ ଚତୁର୍ଥ ପର୍ଯ୍ୟାୟ ଭୋଟଦାନ ସୁଦ୍ଧା ପ୍ରାୟ ଏକ ତୃତୀୟାଂଶ ଯୋଗ୍ୟ ଭୋଟର ଭୋଟ ଦେବାକୁ ଆସିନାହାଁନ୍ତି । ଆମ ନିର୍ବାଚନ କମିସନଙ୍କର ସବୁ ଚେଷ୍ଟା ସତ୍ତ୍ୱେ କୁଆ କରି ଭୋଟ ଅଧିକାର ପାଇଥିବା ଯୁବ ବର୍ଗର ଏକ ବିରାଟ ଅଂଶ ଭୋଟ ପ୍ରକ୍ରିୟାକୁ ଦୂରେଇ ରହୁଥିବା ମଧ୍ୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଶୁଭ ନୁହେଁ ।

ନିର୍ବାଚନ ପ୍ରଚାରରେ ସୁଶାସନ ପାଇଁ ପ୍ରତିଶ୍ରୁତି, ବିକାଶର ନୀତ ନବ୍ୟା, ସମାବେଶ, ବିକାଶ ଓ ସାମାଜିକ ନ୍ୟାୟକୁ ଅଗ୍ରାଧିକାର, ବାସ୍ତବାନ୍ୱୀ ଜନସମ୍ପର୍ଦ୍ଦାର ସମାଧାନ ପାଇଁ ଦୃଢ଼ବଦ୍ଧ ପ୍ରତିଶ୍ରୁତି, ବିକାଶର ମାନକ ନବ୍ୟା, ସମାବେଶ, ବିକାଶ ଓ ସାମାଜିକ ନ୍ୟାୟକୁ ଅଗ୍ରାଧିକାର, ବାସ୍ତବାନ୍ୱୀ ଜନସମ୍ପର୍ଦ୍ଦାର ସମାଧାନ ପାଇଁ ଦୃଢ଼ବଦ୍ଧ ପ୍ରତିଶ୍ରୁତି, ବିକାଶର ମାନକ ନବ୍ୟା, ସମାବେଶ, ବିକାଶ ଓ ସାମାଜିକ ନ୍ୟାୟକୁ ଅଗ୍ରାଧିକାର, ବାସ୍ତବାନ୍ୱୀ ଜନସମ୍ପର୍ଦ୍ଦାର ସମାଧାନ ପାଇଁ ଦୃଢ଼ବଦ୍ଧ ପ୍ରତିଶ୍ରୁତି ବିଦ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଖାଦ୍ୟ ନିରାପତ୍ତା ଆଦି ମୌଳିକ ସୁବିଧା ପ୍ରତି ଦୃଢ଼ ପ୍ରତିଶ୍ରୁତି ବଦ୍ଧତା ତଥା ମର୍ଯ୍ୟାଦାପୂର୍ଣ୍ଣ ଶାଳୀନ ଭାଷା ପ୍ରୟୋଗ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବା ଜଣ କଲେ ସମ୍ଭବ ହେବ ଏହା ସବୁ ରାଜନୈତିକ ଦଳର ବିଚାର୍ଯ୍ୟ ହେବା ଆବଶ୍ୟକ । ଆଦର୍ଶ ଆଚରଣ ବିଧି କେବଳ କାଗଜରେ ରହିଗଲେ ତ ହେବ ନାହିଁ ବରଂ ତାକୁ କଡ଼କଡ଼ି ପାଳନ କରି ଆଦର୍ଶ ନିର୍ବାଚନ ପ୍ରଚାରରେ ନିବୃତ୍ତ କରାଇବାକୁ ପଡ଼ିବ । ଜନହିତ ଓ ରାଷ୍ଟ୍ରହିତର ସର୍ବମାନ୍ୟ ସଂଜ୍ଞା ନିରୂପିତ କରି ସେଥିପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହେବ ଓ ସବୁ ରାଜନୈତିକ ଦଳ ପ୍ରକାଶ୍ୟରେ ଏହି ମାର୍ଗଦର୍ଶିକା ପ୍ରତି ପ୍ରତିଶ୍ରୁତିବଦ୍ଧତା ଘୋଷଣା କରିବା ଆବଶ୍ୟକ । ଆମେ ଆଶା କରୁ ବାଲିଥିବା ଆଜ ଶେଷ ପର୍ଯ୍ୟାୟ ମତଦାନରେ ଏଭଳି କିଛି ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିବ ।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, ଝଣ୍ଡମାଳ, ଦୂରଭାଷ : ୯୪୩୭୨୪୨୩୧୭

'ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ...'

।। ସୌରଚନ୍ଦ୍ର ମହାପାତ୍ର ।।

'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ । ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ଲୁଣ ହେ ପବିତ୍ର । ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ' - ଭକ୍ତ କବି ମଧୁସୂଦନଙ୍କ ଏହି ବିଲକ୍ଷଣ ଧାଡ଼ି ଜୀବନରେ ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମ୍ପର୍କରେ ଆମ ମାନଙ୍କୁ ଆଲୋକ ବର୍ତ୍ତିକା ବାର୍ତ୍ତା ପ୍ରଦାନ କରୁଛି । ମନୁଷ୍ୟ ଶରୀରରେ ଆଖୁ, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ । ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ ।

ଆମମାନେ ପ୍ରକୃତରେ ଜଣେ ଜଣେ ମଂଚ ନିର୍ଦ୍ଦେଶକଙ୍କ ପରି ଜୀବନ ନିର୍ବାହ କରୁଛେ । ମନୁଷ୍ୟ ନିଜ ଅଧିକାର ପାଇଁ ସଂଗ୍ରାମ କରୁଛି ନିଜର ପାରିପାର୍ଶ୍ୱକୁ ଭୁଲିଯାଇ । ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର ଦେବକ ଜର୍ଜବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବେଧତା । 'ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିକୃଷ୍ଟକାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା । ଆମ୍ଭେମାନେ ନିଜର କର୍ତ୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସନ୍ତାନ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଦରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମୀକର୍ତ୍ତାମାନେ ସମ୍ମାନ ଲାଭ କରିବେ ।'

ଆଜିର ସମୟକୁ ଦେଖିଲେ, ଆମ୍ଭେମାନେ ବାସ୍ତବରେ ଆମ ଦାୟିତ୍ୱ ସବୁକୁ ନିର୍ବାହ କରିବାରେ ଏକ ପ୍ରକାର ଭୁଲି ଯାଇଛୁ । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ଶିକ୍ଷା କ୍ଷେତ୍ରକୁ ଦେଖିଲେ ସେଠାରେ ମଧ୍ୟ ମୂଲ୍ୟବୋଧର ଅଭାବ । ଆଜି ଶିକ୍ଷା ଜଗତ କହୁଦିନ ସମସ୍ୟାରେ ପରିପୂର୍ଣ୍ଣ । ଯାହା ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବଳ, ସାହୁଧ ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଭଲେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ ତିଆରି ପାଇଁ ଏବଂ ଏହାର ଆଦର୍ଶଗତ ପ୍ରଗତି ପାଇଁ ଅନେକ ଉଦ୍ୟମ, କଳ୍ପନା ଜଳ୍ପନା ଦେଖିବାକୁ ମିଳୁଛି କିନ୍ତୁ ଏସବୁ କୁଆ ପରିଣତ ହେଉଛି । ଜେବକ ଉଭମ ଲୋକ ଚରିତ୍ର ହିଁ ଉତ୍ତମ ରାଷ୍ଟ୍ର ପରିଚାଳନାରେ ସହାୟକ ହୋଇଥାଏ । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେବେଳେ ବେଳେ ସମାଜରେ ମାନବିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବଳ ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉତ୍ତର ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିଥାଏ ।

ଆଜି ଆମ୍ଭେମାନେ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନ ଯାପନ କରୁଛୁ । ରାଷ୍ଟ୍ରର କଲ୍ୟାଣ ନିମିତ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମିତ୍ତେ ନିଃସ୍ୱାର୍ଥପର ଭାବରେ ବିନ

ଦୈନିକ
ଆରମ୍ଭ
SEITHO ARAMBHA

ଗୁରୁବାର, ୧୨ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ରାୟଗଡ଼ା ଜିଲ୍ଲାରେ ସୁରକ୍ଷିତ ଇଂଟରନେଟ୍ ଦିବସ-୨୦୨୬ ପାଳିତ

ରାୟଗଡ଼ା, ୧୧/୦୨ (ଆ.ପ୍ର) : 'ସ୍ମାର୍ଟ ଟେକ୍, ସୁରକ୍ଷିତ ଚୟନ – କୃତ୍ରିମ ବୁଦ୍ଧିମତା (ଇଆଇ) ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର' ଥିମ୍‌ରେ ରାୟଗଡ଼ା ଜିଲ୍ଲାରେ ସୁରକ୍ଷିତ ଇଂଟରନେଟ୍ ଦିବସ-୨୦୨୬ ଉପଲକ୍ଷେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଆଇଟିଆଇ, ରାୟଗଡ଼ା ଠାରେ ଆୟୋଜିତ ହୋଇଥିଲା । ଏହି ସଚେତନତା ସଭାଗୁଡ଼ିକୁ ଗୁଣ ସେଖର କେଥେଟି, ସୁଜୁ ନିର୍ଦ୍ଦେଶକ (ଆଇଟି) ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (ଡିଆଇଓ), ଏନଆଇସି, ରାୟଗଡ଼ାଙ୍କ ନେତୃତ୍ୱରେ ନବୀନ, ଏଡିଆଇଓ, ଏନଆଇସି, ରାୟଗଡ଼ା ଏବଂ ନରେନ୍ଦ୍ର ସତୁଲ, ଜିଲ୍ଲା ସମନ୍ୱୟକ, ଏଚଏନଜିଆଇ, ରାୟଗଡ଼ା ସହଯୋଗ କରିଥିଲେ । ପ୍ରଭାତ ସମୟରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷକ ଉପସ୍ଥିତିରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅପରାହ୍ନରେ ସରକାରୀ ଆଇଟିଆଇ, ରାୟଗଡ଼ାରେ ନବୀନ ଚନ୍ଦ୍ର ନାୟକ, ଓଏଏସ୍ (ଏସଏଓଜି), ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ାଙ୍କ ଉପସ୍ଥିତିରେ ଆଉ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଇଂଟରନେଟ୍‌ର ସୁବିଧା ଓ ଅସୁବିଧା, ସମ୍ଭାବ୍ୟ ସାଇବର ଆକ୍ରମଣ ଓ ଷ୍ଟୁମଜି, ସାଧାରଣ ଅନଲାଇନ୍ ଠକେଇ, ସାଇବର ଠକେଇରୁ ସୁରକ୍ଷା, ମୋବାଇଲ୍ ଆପ୍ ସୁରକ୍ଷା, ସାଇବର ବୁଲିଂ, କୃତ୍ରିମ ବୁଦ୍ଧିମତା (ଇଆ)ର ମୂଳ ଧାରଣା, ଇଆର ସୁରକ୍ଷିତ ବ୍ୟବହାର, ସୋସିଆଲ୍ ମିଡିଆ ସଚେତନତା, ସାଇବର ନୀତି ଏବଂ ଅନଲାଇନ୍ ସୁରକ୍ଷା ପାଇଁ ଉତ୍ତମ ପ୍ରଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମୋଟ ୨୧୩ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଉଦ୍‌ବୋଧନ ଦେଇ ଗୁଣ ସେଖର କେଥେଟି ସାଇବର ସୁରକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ ଛାତ୍ରଛାତ୍ରୀ ଓ ଅଧିକାରୀମାନଙ୍କୁ ସୁରକ୍ଷିତ ଇଂଟରନେଟ୍ ବ୍ୟବହାର ଅପନାଇବାକୁ ଆହ୍ୱାନ କରିଥିଲେ । ସେମାନେ ନିଜ ପରିବାର, ବନ୍ଧୁବାନ୍ଧବ ଓ ସମାଜରେ ଡିଜିଟାଲ୍ ସଚେତନତା ପ୍ରସାର କରିବାକୁ ମଧ୍ୟ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଏକ ଆଲୋଚନା ସତ୍ର ଅନୁଷ୍ଠିତ ହୋଇ ଅଂଶଗ୍ରହଣକାରୀମାନେ ସାଇବର ସୁରକ୍ଷା ସମ୍ପର୍କିତ ପ୍ରଶ୍ନ ଓ ଅନୁଭବ ସାଝା କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି ସହ ଏକ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ପରିବେଶ ଗଢ଼ିଉଠିବାର ଲକ୍ଷ୍ୟ ରଖାଯାଇଛି ।

ହାଣ୍ଡିଧୁଆ ଅଂଚଳରେ ମାଟି ଦବିବା ଘଟଣା କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଢେଙ୍କାନାଳ ସାଂସଦ

ତାଳଚେର, ୧୧/୦୨ (ଆ.ପ୍ର) : ତାଳଚେର ହାଣ୍ଡିଧୁଆ ଅଂଚଳରେ ଗତ କିଛିଦିନ ପୂର୍ବେ ମାଟି ଦବିବା ଘଟଣା ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି କରିଛି । ଏନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଚ୍ଚ ସ୍ତରେ ପ୍ରକାଶ କରିବା ସହ ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ନୂଆଦିଲ୍ଲୀରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜୀ କିଷାନ ରେଡ୍ଡୀଙ୍କୁ ପତ୍ର ଲେଖି ଏହାର ସ୍ଥାୟୀ ପ୍ରତିକାର ପାଇଁ ଅନୁରୋଧ କରିଛନ୍ତି । ପତ୍ର ଅନୁଯାୟୀ, ଗତ ଜାନୁଆରୀ ୨୮ ତାରିଖରେ ଓଡ଼ିଶାର ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକ ଅନ୍ତର୍ଗତ ହାଣ୍ଡିଧୁଆ ଗ୍ରାମରେ ଏମସିଏଲର ପରିତ୍ୟକ୍ତ ଲୁ-ଡନ କୋଇଲା ଖଣିରେ ମାଟି ଧସି ଗର୍ତ୍ତ ସୃଷ୍ଟି ହୋଇଛି । ଏହି ଘଟଣା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ହାଣ୍ଡିଧୁଆ କୋଇଲା ଖଣିକୁ ସେରେବେରେନ ଇଂରେଜ ସରକାର ସ୍ଥାପନ କରିଥିଲେ । ବର୍ତମାନ ସମୟରେ ଏମସିଏଲ କର୍ତ୍ତୃପକ୍ଷ ଏହି ପୁରୁଣା ଲୁଡନ ଖଣିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ତେବେ ବାଲି ପୂରଣରେ କିଛି ତ୍ରୁଟି ଯୋଗୁଁ ଏଭଳି ଘଟିଥାଇପାରେ ଓଡ଼ିଶା ସରକାରଙ୍କ ଲୁଡ଼ଡ଼ ବିଭାଗକୁ ଗାଢ଼ ଏ ବିଷୟରେ ଅବଗତ କରାଯାଇଛି । ଏହି ଘଟଣାର ତୁରନ୍ତ ବିଚାର କରିବା ଏବଂ ବୈଜ୍ଞାନିକ ପଦ୍ଧତିରେ ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ସାଂସଦ ଶ୍ରୀ ପାଣି ଲିଖିତ ଭାବେ କୋଲ ଇଣ୍ଡିଆ ଅଧ୍ୟକ୍ଷ ଓ କୋଇଲା ମନ୍ତ୍ରୀଙ୍କୁ ଜଣାଇଛନ୍ତି ।

ବନାଂଚଳସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ

ସିନାପାଲି, ୧୧/୦୨ (ଆ.ପ୍ର) : ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ ଆୟୋଜନରେ ସିନାପାଲି ବନାଂଚଳ ଅନ୍ତର୍ଗତ ନଙ୍ଗଳବୋଡ଼ ଫରେଷ୍ଟ ବେଟ୍‌ର ପରିସରରେ ବନାଂଚଳ ସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭ ଜଳିଙ୍ଗ ହାଇସ୍କୁଲ, ଇଟାପାଣିର ଛିଆମାନଙ୍କ ପ୍ରାରମ୍ଭିକ ଗୀତ ସହ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡିଏଫଓ ମହମ୍ମଦ ଅଜିତ ଖାନ ଯୋଗଦେଇ ଜଙ୍ଗଲ ନିଆଁର କୁ-ପ୍ରଭାବ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମାଧୁରୀ ମାଝୀ (ଅଧ୍ୟକ୍ଷ, ସିନାପାଲି), ମିନା ଘିଉଲୋ (ଉପାଧ୍ୟକ୍ଷ, ସିନାପାଲି), ପୁଷ୍ପାଞ୍ଜଳି ଗୁଣ୍ଡେ (ଜିଲ୍ଲା ପରିଷଦ ସଦସ୍ୟା), କର୍ମୀ ଓରାମ (ରୋଷୀ ଅଧିକାରୀ, ସିନାପାଲି), ଜଗଦୀଶ ମାଝୀ (ନଙ୍ଗଳବୋଡ଼ ସରପଂଚ) ଓ ନରେନ୍ଦ୍ର ପ୍ରଧାନ (ଅଗ୍ନି ନିରାକରଣ ଅଧିକାରୀ) ଉପସ୍ଥିତ ରହି ଜଙ୍ଗଲକୁ ଜିପରି ନିଆଁ ଦାଉରୁ ମୁକ୍ତ ରଖିବା ତା ଉପରେ ମତାମତ ରଖିଥିଲେ । ମୁଖ୍ୟ ବକ୍ତା ମହେନ୍ଦ୍ର ଯୋଶୀ (ପ୍ରକୃତି ସାଥୀ) ଜଙ୍ଗଲ ନିଆଁ ରୋକଥାମ ପାଇଁ ସାମୁହିକ ସଚେତନତା ଓ ଲୋକ ସହଭାଗୀତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ଥିଲେ ଜାମେଶ୍ୱର ତାଣ୍ଡି, ବନାଂଚଳ ଅଧିକାରୀ, ସିନାପାଲି । ସଫର ଆୟୋଜନରେ କାର୍ଯ୍ୟ ସୁନାମ, ମନୋଜ ଦାଶ, ଜୁଏଶ୍ୱରୀ ମାଝୀ, ସଂଗ୍ରାମ ସିଂ ପ୍ରଧାନ, ଲୁପ୍ତା ବାରିକ, ସରୋଜ ମାଝୀ, ଶୁଭ୍ର ମାଝୀ ଓ ବଳରାମ ମାଝୀ ସହଯୋଗ କରିଥିଲେ । ଶିବିରରେ "ରହିଲେ ବନ, ବଂଚିବେ ଜନ" ସ୍ଲୋଗାନ ସହିତ ସମସ୍ତଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନଙ୍ଗଳବୋଡ଼ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ଶେଷରେ ରାଜର୍ଷି ସୁନାନୀଧନବାଦ ଅର୍ପଣ କରିଥିଲେ ।

ଦୀର୍ଘ ୨୦ ବର୍ଷ ପରେ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ

ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ୨୦୦୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ବାଲିଗୁଡ଼ା, ୧୧/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଲାଇନପଡା ନିକଟସ୍ଥ ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମ୍ୟାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ଭବ୍ୟ ବନ୍ଧୁମିଳନ କାର୍ଯ୍ୟକ୍ରମ ସାଲୁଙ୍କି ଡ୍ୟାମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୦ ବର୍ଷ ପରେ ଆୟୋଜିତ ଏହି ମିଳନୋତ୍ସବରେ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇ ନିଜ ନିଜର ସ୍ମୃତି ଚାରଣ କରିଥିଲେ । ପୁଜାର୍ଚ୍ଚନା ଏବଂ ପ୍ରଦୀପ ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ପୂର୍ବତନ ଶିକ୍ଷକ ଏବଂ ଦେହାନ୍ତ ହୋଇଥିବା ସହପାଠୀଙ୍କ ଉଦ୍ଦେଶ୍ୟରେ ବୁଲ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଦୀର୍ଘ ଦିନ ପରେ ପରସ୍ପରକୁ ଛୋଟ ଛାତ୍ରମାନେ ନିଜ ପିଲାଦିନର ସ୍ମୃତିକୁ ମନେ ପକାଇଲେ ସହ ଭାବର ଆଦାନ ପ୍ରଦାନ କରିଥିଲେ । ଏ ନେଇ ଆୟୋଜିତ ଆଲୋଚନା ସଭାରେ ଆଷ୍ଟିକ ମହାନ୍ତି, ଭାଗବତ ମୁଖୀ, ସୁନୀଲ ଦିଗାଲ, ରାମେଶ୍ୱର ନାୟକ, ଜଳନ ଦିଗାଲ, ଧରିତ୍ରୀ ମୁଖୀ, ମଥୁରା ଗଣ୍ଡା, ଜମଜାକାନ୍ତ ଦିଗାଲ, ନିକୁଞ୍ଜ ମଳିକ, ବିରାଜ କର୍ଣ୍ଣିଗ, ବୃଶିଲା କର୍ଣ୍ଣିଗ, ସାରଳା, ଆଶିଷ, ଶରତ, ପବିତ୍ର, ପ୍ରଦୀପ, ଗରୁଡ଼ ଏବଂ ଅନ୍ୟ ଛାତ୍ରଛାତ୍ରୀ ପ୍ରମୁଖ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରି ଏଇଚି କାର୍ଯ୍ୟକ୍ରମ ସମ୍ପାଦିତ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଚଳିତବର୍ଷ ଭଳି ପ୍ରତିବର୍ଷ ପୁରାତନ ଛାତ୍ରଛାତ୍ରୀ ସଂଘ ପକ୍ଷରୁ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବା ସହ ଆସନ୍ତା ବର୍ଷ ଠାରୁ ଅନ୍ୟ ସମସ୍ତ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ପାଇଁ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା । ନିଜ ନିଜ ବୃତ୍ତିଗତ କାର୍ଯ୍ୟରେ ଭଲୁଞ୍ଜନୀୟ ସଫଳତା ପାଇଁ ସଭାରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଭଲ୍ଲମୟ ଭବିଷ୍ୟତ କାମନା କରାଯାଇଥିଲା ।

ବିଜେପିର ମିଶ୍ରଣ ପର୍ବରେ ମିଶିଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

ଭୁବନ, ୧୧/୦୨ (ଆ.ପ୍ର) : ଆଜି କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ଭୁବନ ବ୍ଲକ ଅନ୍ତର୍ଗତ ନିଜକଣ୍ଟପୁର ଫାର୍ମରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ତତ୍ତ୍ୱାବଧାନରେ ଭୁବନ ବ୍ଲକର ଅଠରଟି ଗଂଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହେଲେ । ବିଜେଡି ସମର୍ଥୀତ ବାଗୁଆଁ ପଂଚାୟତର ସରପଂଚ ବିଣାପାଣୀ ସାହୁ ଓ ଓଡିଶ ପଂଚାୟତ ସରପଂଚ ମୋହନ ମହାନ୍ତ ଏବଂ ଗତନୃସିଂହପ୍ରସାଦ ପଂଚାୟତର ସମିତିସଭ୍ୟା ଯଶୋଦା ନାଏକ ପ୍ରଧାନମନ୍ତ୍ରୀଙ୍କ ନିତି ଆଦର୍ଶରେ ଆନୁପ୍ରତିତ ହୋଇ ବିଜେପି ଦଳରେ ସାମିଲ ହୋଇଥିବା କହିଛନ୍ତି ।

ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲାରରେ ସାହିତ୍ୟ ଶିକ୍ଷକ ଗିରଫ

ବଣାଇଁ,୧୧/୦୨ (ଆ.ପ୍ର) : ସୁନରଗଡ଼ ଜିଲ୍ଲା ଲହୁଣୀପଡା ଥାନା ଅର୍ନ୍ତଗତ ହଳଦୀକୁଦର ଲଜ ପ୍ରାଥମିକ ବିଦ୍ୟାଳୟରେ ଥିବା ତାପସ କୁମାର ବଡ଼େଲ ସାହିତ୍ୟ ଶିକ୍ଷକ ଭକ୍ତ ବିଦ୍ୟାଳୟରେ ପଢୁଥିବା ୧୪ ବର୍ଷର ଏକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଲହୁଣୀପଡା ପୋଲିସ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ନାବାଳିକା ଛାତ୍ରୀଙ୍କ ଲିଖିତ ଅଭିଯୋଗ ଅନୁସାରେ ରୂପା ମୁଣ୍ଡା(ଛଦ୍ମ ନାମ) ବୟସ (୧୪) ପିତା ଜଗ ମୁଣ୍ଡା ଗ୍ରାମ ମୁକୁଳାପାଣି ଥାନା ଲହୁଣୀପଡ଼ା ଜିଲ୍ଲା ସୁନରଗଡ଼ ବାସିନ୍ଦା ଲହୁଣୀପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କଲେ ଯେ ଏକ ବର୍ଷ ହେବ ହଳଦୀକୁଦର ହାଇସ୍କୁଲରେ ଛାତ୍ରୀ ଜଣକଙ୍କ ପଢୁଥିବା ବେଳେ ଭକ୍ତ ସ୍କୁଲର ସାହିତ୍ୟ ଶିକ୍ଷକ ତାପସ କୁମାର ବଡ଼େଲ ଛାତ୍ରୀର ଆଧାର ସଂଶୋଧନ କରିବା ବାହାନା କରି ଗତ ବର୍ଷ ଏପ୍ରିଲ ମାସ ଠାରୁ ତାଙ୍କୁ ଘରୁ ଡାକି ନେଇ ବଣାଇଁ ଜନସେବାକୁ ନେଇଆସୁଥିଲେ । ସେଠାରୁ ଫେରିଲା ବେଳେ ଶିକ୍ଷକ ସୁଆଗପାଲି ଗ୍ରାମ ଗୁଡୁଥିବା ଭଡା ଘରେ ତା ସହିତ ଶାରିରୀକ ସଂପର୍କ ରଖିଆସୁଥିଲା । ଭକ୍ତ ଭଡ଼ା ଘରେ ସେ ପ୍ରାୟ ୪/୫ଥର ସଂପର୍କ ରଖୁଥିବା ଅଭିଯୋଗକାରିଣୀ ଅଭିଯୋଗରେ ଭଲ୍ଲେଖିତ ଅଛିଣ୍ଡା । ଏହା ସହିତ ସ୍କୁଲରେ ମଧ୍ୟ ଲାଇବ୍ରେରୀ କୋଠରୀରେ କେହିନଥିବା ସମୟରେ ସମୟ ସୁବିଧା ଦେଖି ତାଙ୍କୁ ବଳାତ୍କାର କରିଆସୁଥିଲେ ବୋଲି ପ୍ରକାଶ କରିଛନ୍ତି । ଏହି କଥା ଅନ୍ୟ ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ଦେବା ସହିତ ଛାତ୍ର ଜୀବନ କଷ୍ଟ କରିଦେବାକୁ ବାରମ୍ବାର ଧମକ ଦେଇଥିବାରୁ ସେ ନିରୁପାୟ ହୋଇ କାହାକୁ ଏ ବିଷୟରେ କହିପାରୁନଥିଲା ବୋଲି ଅଭିଯୋଗ କରିଛି । ଆଜି ପିଡିତାର ଅଭିଯୋଗ କ୍ରମେ ଲହୁଣୀପଡ଼ା ପୋଲିସ ସାହିତ୍ୟ ଶିକ୍ଷକ ତାପସ କୁମାର ବଡ଼େଲଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏହା ସହିତ ଏହାର ସତ୍ୟତାସତ୍ୟ ବିଷୟରେ ପୋଲିସ ଅଧିକ ତଦନ୍ତ ଜାରୀ ରଖିଛି । ଅନ୍ୟ ପଟେ ଶିକ୍ଷକଙ୍କୁ ଭବିଷ୍ୟତ ନିର୍ଦ୍ଧାରଣ କରୁଥିବା ଭରସାନ ବୋଲି ବିବେଚନା କରୁଥିବା ଅଭିଭାବକମାନେ ଏହି ରାକ୍ଷସ ପ୍ରକୃତି ଶିକ୍ଷକର ଚାକିରୀ ବରଖାସ୍ତ କରିବା ସହିତ ତା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଥିବା ଜଣାପଡ଼ିଛି ।

କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ନିଆରା ଢଙ୍ଗରେ ପାଳନ

ବାସୁଦେବପୁର, ୧୧/୦୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକଣାଡିହି ଗ୍ରାମ ପଂଚାୟତରେ ଅବସ୍ଥିତ କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ମଲ୍ଲିକାଦେବପୁରର ୬୧ତମ ବାର୍ଷିକ ଉତ୍ସବ ଆନନ୍ଦମୁଖର ଭାବେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ନିଜ ଅଭିଜ୍ଞତାରେ କହିଥିଲେ ଯେ ସମାଜରେ ବଡ଼ ମଣିଷଙ୍କ ଅଭାବ ନାହିଁ, କିନ୍ତୁ ଭଲ ମଣିଷଙ୍କ ଆବଶ୍ୟକତା ଅତ୍ୟଧିକଶ୍ୟକ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବେ ସୁଜୀତ କୁମାର ସାହୁ, ପ୍ରଭାବଶାଳୀ ଅଧିକାରୀ, ଏନ୍‌ସିସି (ନାଭାଲ) ୟୁନିଟ, ଭଦ୍ରକ । ମୁଖ୍ୟବକ୍ତା ଭାବେ ତପନ କୁମାର ଦ୍ୱିବେଦୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସଂଗଠନ ଶିକ୍ଷାସେବୁର ଅଧ୍ୟକ୍ଷ ପ୍ରଭାକର ଲେଙ୍କା ଓ ସଂଗଠନ ଶିକ୍ଷାସେବୁର ଅଧ୍ୟକ୍ଷ ବାସୁଦେବପୁର ଯୋଗଦେଇଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଓ ସମ୍ମାନିତ ପ୍ରତିଭା, ପ୍ରସେନ୍ସର ବିଷ୍ଣୁମୋହନ ଦାସ, ଜି.ଆର୍. ଆମ୍ବେଦକର ମହାବିଦ୍ୟାଳୟ, ବିଜୁ ବିଶ୍ୱବିଦ୍ୟାଳୟ; ମଗେଶାଙ୍ଗନ ପତି, ଅଧ୍ୟକ୍ଷ ନବପଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରଞ୍ଜଆଡ଼ିଆ; ଇଞ୍ଜିନିୟର ପରମାନନ୍ଦ ବାରିକ, କରିଷ୍ଠ ବାଣିଜ୍ୟ ବିଶ୍ଳେଷକ; ଡ଼କ୍ଟର କୃଷ୍ଣମୋହନ ମହାପାତ୍ର, ଅଧ୍ୟକ୍ଷ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ; ମମତା ସେଠୀ, ସରପଂଚ ନାୟକାଣ୍ଡିହି ଗ୍ରାମ ପଂଚାୟତ; ଓ ସନାତନ ସେଠୀ, ସମିତି ସଭ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମଂଚ ସଞ୍ଚାଳନ କରିଥିଲେ ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବିଶ୍ୱାଳ । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଭାକର ଲେଙ୍କା ଓ ଗୋଷ୍ଠୀ ଶିକ୍ଷାଧିକାରୀ, ସୁଶାନ୍ତ କୁମାର ବାରିକ ମଂଚରେ ଉପସ୍ଥିତ ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ୱର୍ଣ୍ଣପ୍ରଭା ସାହୁ ଓ ଧନ୍ୟବାଦ୍ ଜ୍ଞାପନ କରିଥିଲେ ଅଭୟ କୁମାର ବିଶ୍ୱାଳ । ଉତ୍ସବର ବିଶେଷ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପ୍ରଦର୍ଶନ । ମଂଚରେ ଓ ନାଟକ ପରିଚାଳନା କରୁଥିଲେ, ପ୍ରତିମା ଦାସ, ସ୍ମୃତି ମହାନ୍ତି, ମିତାଲି ନାୟକ, ଅପର୍ଣ୍ଣା ସେଠୀ, ସଜିପ୍ରିୟା ବାରିକ, ଗୋବିନ୍ଦ ଜେନାପ୍ରଗମାନନ୍ଦ ମଲ୍ଲିକ, ଶମ୍ଭୁନାଥ ସ୍ୱାଇଁ, ସରୋଜ ସେଠୀ, ରମାକାନ୍ତ ମଣ୍ଡଳ, ଜୟନ୍ତ ନାଥ, ଶରତ କେଦେରା, କୈଳାସ ବାରିକ୍, ବିକାଶ କାଠ, ବାବୁଲା, ମଞ୍ଜୁଳତା ମିଶ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

ଓଲଟିଲା ଘରୋଇ ଯାତ୍ରୀବାହି ବସ୍, ବାଳକ ଗୁରୁତର

ଦଶପଲ୍ଲା,

ଦୈନିକ
ଆରମ୍ଭ
SEITHO ARAMBHA

ଗୁରୁବାର, ୧୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ରାୟଗଡ଼ା, ୧୧/୦୨ (ଆ.ପ୍ର) : ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସରରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରସ୍ୱତୀ ରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଆଦର୍ଶ ଜିଲ୍ଲା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶ୍ୟାମା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଦକ୍ଷତା, ଆତ୍ମବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ ଉଦବୋଧନ ଦେଇଥିଲେ । ଡ. ରାୟ ଅଭିଭାଷଣରେ କହିଥିଲେ ଆତ୍ମରକ୍ଷା କେବଳ ଶାରୀରିକ କୌଶଳ ନୁହେଁ ଏହା ଆତ୍ମବିଶ୍ୱାସ, ସଚେତନତା ଓ ସାହସର ପ୍ରତୀକ । ଆଜିର ସମାଜରେ ଛାତ୍ରୀମାନଙ୍କ ପାଇଁ ଏପରି ପ୍ରଶିକ୍ଷଣ ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପି.ଜି. କାଉନସିଲ ରୋୟାରନେକ ପି. ଅରୁଣ କୁମାର, ପ୍ରଶାସନିକ ବର୍ଗର ଟି. ଜ୍ୟୋତି, ଉଦୟ ନାୟକ ମଂଚାସୀନ ରହି ଏପରି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କୁ ସ୍ୱାମାଜିକ ଓ ମାନସିକ ଭାବେ ସଶକ୍ତ କରିବାରେ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ । ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜୀକା ପୂଜା ପଟ୍ଟନାୟକ ଓ ମୋନାଲିଷା ପାଣିଗ୍ରାହୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ । ମୁଖ୍ୟ ପ୍ରଶିକ୍ଷକ ରୀନା ମାଝୀ, ସଞ୍ଜନା ନାୟକ ଓ ନିବେଦିତା ପୋଡ଼ୁଁ ଆରୀ ଛାତ୍ରୀମାନଙ୍କୁ ବ୍ୟବହାରିକ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଉଦ୍ଦିଷ୍ଟଭାବରେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

ପୁରାତନ ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ; ଗୁରୁମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

ଜିଣ୍ଡିଷ୍ଟକୋଇଲି, ୧୧/୦୨ (ଆ.ପ୍ର) : ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୮୧ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ର ଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଅସୁରେଶ୍ୱର ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ଗୁରୁ ବନ୍ଦନା ଗାନ କରାଯାଇ ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିବା ସେ ସମୟର ଶିକ୍ଷକ ଶ୍ରୀଯୁକ୍ତ ରାଜକିଶୋର ପଟିଡ଼ା, ଶ୍ରୀଯୁକ୍ତ କାଞ୍ଚନରଣ ରଥ, ପଣ୍ଡିତ ଶ୍ରୀଯୁକ୍ତ ଶୁଭଦେବ ମିଶ୍ରଙ୍କୁ ଛାତ୍ର ଛାତ୍ରୀମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ବନ୍ଧୁମିଳନ ଉତ୍ସବରେ ଏକାଠି ହୋଇଥିବା ଛାତ୍ର ଛାତ୍ରୀମାନେ ସେମାନଙ୍କ ଛାତ୍ର ଜୀବନର ସ୍ମୃତି ଓ ଅନୁଭୂତିକୁ ମନେ ପକାଇଥିଲେ । ଦୈନନ୍ଦିନ ଜୀବନରେ ସଂସାର ଜଞ୍ଜାଳ ଭିତରେ ଥାଇ ମଧ୍ୟ ପରସ୍ପରକୁ ଭେଟି ନିଜ ନିଜ ଭାବର ଆଦାନ ପ୍ରଦାନ କରିବା ଏହି ବନ୍ଧୁମିଳନର ମୁଖ୍ୟ ମାଧ୍ୟମ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ର ଛାତ୍ରୀମାନେ ଗୋଟିଏ ଦିନ ପାଇଁ ହେଲେ ମଧ୍ୟ ବହୁତ ଆନନ୍ଦ ଉଲ୍ଲାସରେ ବନ୍ଧୁମିଳନ ଉତ୍ସବକୁ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ଉଜିନ୍ତା ରଥ, ମନସୀ ଦାସ, ପ୍ରତିମା ପଣ୍ଡା, ଭର୍ମିଳା ସାମଲ, ଆରତୀ ମହାନ୍ତୁଡ଼, ଅନୁପୂର୍ଣ୍ଣା ସିଂ, ସ୍ମିତା ଦାସ, ଛାତ୍ର ଅଶୋକ ସାହୁ, ପ୍ରଫୁଲ୍ଲଦ ଦାସ, କବିପ୍ରସାଦ ରାଉତରାୟ, ଦେବବଂଦନ ସ୍ୱାଇଁ, ଜ୍ୟୋତିପ୍ରକାଶ ସ୍ୱାଇଁ, ବିଜୟ କୁମାର ସାହୁ, ରଂଜନ କୁମାର ରାୟ, ମନୋଜଂଜନ ସାହୁ, କମଳାକାନ୍ତ ନନ୍ଦ, ଶିବାନୀ ପ୍ରସାଦ ମହାନ୍ତି, ଶ୍ରୀବତ୍ସ କୁମାର ସିଂହ, ବିଜୟ କୁମାର ମହାନ୍ତି,ସୁରେନ୍ଦ୍ର ସେଠୀ, ଶକ୍ତିଶେଖର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

ନିମାପଡା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ

ନିମାପଡା, ୧୧/୦୨ (ଆ.ପ୍ର) : ସ୍ଥାନୀୟ ଗ୍ରାନଜ୍‌ୟାଣ୍ଟ ମଣ୍ଡପରେ ନିମାପଡା ପ୍ରେସ କ୍ଲବର ଏକ ସାଧାରଣ ପରିଷଦ ବୈଠକ ସଭାପତି ଅକ୍ଷୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରେସ କ୍ଲବର ଗତ ବାର୍ଷିକଉତ୍ସବ ଆୟୋଜନର ସମୀକ୍ଷା, ପ୍ରେସକ୍ଲବର ଜିଚସ୍ୱ ଗୃହ, ଆସନ୍ତା ପଞ୍ଚାଶ ଦିବସ, ନୂତନ ସଦସ୍ୟଙ୍କ ଯୋଗଦାନ ଓ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ବିଶଦଭାବେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥେଷ୍ଟା ଶିକ୍ଷାବିତ ଶରତ କୁମାର ସେନାପତି, ବିଚିତ୍ରାନନ୍ଦ ସାହୁ, ମାନସ କୁମାର ଦାସ, ରଂଜନ କୁମାର ଦାସ,ସଂପାଦକ ରମାକାନ୍ତ ବେହେରା, ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବେହେରା, ସହ-ସଂପାଦକ ଅଶୋକ କୁମାର ବେହେରା, ସଂଗଠନ ସଂପାଦକ ସୁଦର୍ଶନ ବେହେରା,ସଦସ୍ୟ ସଂଜୟ କୁମାର ପଟି, ମିଳନ କୁମାର ମଛାଣି, ବିଶ୍ୱଜିତ ମିଶ୍ର, ବିରଞ୍ଚନ ମଲ୍ଲିକ, ତପନ କୁମାର ପଣ୍ଡା, ନନ୍ଦାକାନ୍ତ ପଟ୍ଟନାୟକ, ପ୍ରଶନ୍ତ କୁମାର ନାୟକ, ବିଦେହାନନ୍ଦ ସେଠୀ, ମୋହନ କୁମାର ପତ୍ର, ସଂଚାଳିତ ଆଚାର୍ଯ୍ୟ, ନିବେଦିତା ମିଶ୍ର,ପ୍ରଦ୍ୟୁମ୍ନ କୁମାର କର ପ୍ରମୁଖ ଯୋଗଦେଇଥିଲେ ।

ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ

ସିନାପାଲି, ୧୧/୦୨ (ଆ.ପ୍ର) : ସନାତନ ଧର୍ମ, ହିନ୍ଦୁ ପରମ୍ପରା ଓ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ଆଧାର କରି ଶିକ୍ଷା ଦାନ କରୁଥିବା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାହାର "୩୨ତମ ବାର୍ଷିକ ଉତ୍ସବ ୨୦୨୫–୨୬" ମହାଡମ୍ବରରେ ପାଳନ କରିଛି । ଶିକ୍ଷା, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ୩୨ ବର୍ଷର ସଫଳ ଯାତ୍ରାକୁ ଉତ୍ସବ ମାଧ୍ୟମରେ ସ୍ମରଣ କରାଯାଇଥିଲା । ଏହି ଅବସରରେ ବୌଦ୍ଧିକ, ଆଧ୍ୟାତ୍ମିକ, ସେବାମୂଳକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭୁଜିଭୁଜି ଛାତ୍ରଛାତ୍ରୀମାନେ ନିଜର ନିଖୁଣ କଳା ପ୍ରତିଭା ଦେଖାଇ ବର୍ତ୍ତମାନକାଳର ହୃଦୟ ଜିତିଥିଲେ । ସଭାପତି ଭାବେ ପରିଚାଳନା ସମିତିର ସଭାପତି ନରହରି ମେହେର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଉଦବୋଧନ ରଖିଥିଲେ । ମୁଖ୍ୟବକ୍ତା ଭାବେ ରାଜା ଏ ଟି ହାଇସ୍କୁଲ, ଖଡିଆଳର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଉପସ୍ଥିତ ଥିଲେ । ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ ଓ ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ସହିତ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ମଂଚାସୀନ ଥିଲେ । ମୁଖ୍ୟଅତିଥି ପାଣିଗ୍ରାହୀ ତାଙ୍କ ଉଦବୋଧନରେ ଆଗାମୀବର୍ଷ ତାଙ୍କ ବିଧାୟକ ପାଣ୍ଠିରୁ ୬୦ ପ୍ରତିଶତ ଅର୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଦେବା ସହ ସିନାପାଲି ଶିଶୁ ବିଦ୍ୟାମନ୍ଦିରରେ ନବମ ଓ ଦଶମ ଶ୍ରେଣୀ ଆରମ୍ଭ ପାଇଁ ବୁଜଦି ନୂତନ ଶ୍ରେଣୀକକ୍ଷ ନିର୍ମାଣ କରିବା ଏବଂ ଲାଇବ୍ରେରୀ ପାଇଁ ୧୦୦ ଖଣ୍ଡ ମୂଲ୍ୟବାନ ପୁସ୍ତକ ଦାନ କରିବାକୁ ଘୋଷଣା କରିଥିଲେ । ସେ ଅଭିଭାବକମାନଙ୍କୁ ମଧ୍ୟ ଲାଇବ୍ରେରୀ ପାଇଁ ପୁସ୍ତକ ଦାନ କରିବାକୁ ଆହ୍ୱାନ ଜଣାଇଥିଲେ । ମୁଖ୍ୟବକ୍ତା ଶ୍ରୀ ସାହୁ କାହାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ମୂଲ୍ୟବୋଧ ଉପରେ ଆଲୋକ ପାତ କରିଥିଲେ ଓ ବିଦ୍ୟାଳୟର ସର୍ବାଙ୍ଗ ବିକାଶ ପାଇଁ କିଛି ବାଟ ଉପସ୍ଥାପନ କରିଥିଲେ । କାର୍ଯ୍ୟସୂଚୀ ଅନୁସାରେ ଅତିଥି ସ୍ୱାଗତ, ବନ୍ଦନା, ସାମୂହିକ କଣ୍ଠସଙ୍ଗୀତ, ବାର୍ଷିକ ବିବରଣୀ ପଠନ, ପୁରସ୍କାର ବିତରଣ ଓ ଧନ୍ୟବାଦ ଅର୍ପଣ ସହ ବିଭିନ୍ନ ସାଂସ୍କୃତିକ ପରିବେଶନ ହୋଇଥିଲା । ଏହି ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ-ଗୁରୁମା, ସେବକ-ସେବିକା ଓ ଅଭିଭାବକମାନଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା । ପୂର୍ବତନ ଓ ବର୍ତ୍ତମାନ ପରିଚାଳନା ସମିତି ସଦସ୍ୟ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଅନେକ ସୁଜେଣ୍ଟ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ ।

ଗଞ୍ଜେଇ ଚାଷକୁ ଛାଡ଼ି ଲକ୍ଷ ପତି ଦିଦି ହୁଅନ୍ତୁ : ଏସଡିପିଓ

ବାଲିଗୁଡ଼ା, ୧୧/୦୨ (ଆ.ପ୍ର) : ବାଲିଗୁଡ଼ା ଯାତ୍ରା ପଡ଼ିଆରେ ମିଶନ୍ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ଶକ୍ତି ମେଳାର ଆଜି ଚତୁର୍ଥ ସନ୍ଧ୍ୟା ଏହି ସଭାରେ ବାଲିଗୁଡ଼ା ଏସଡିପିଓ ଶୁଭମ୍ ଭୋଖଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଠିକାର ମହିଳା ମାନେ ନିଜ ନିଜ ଅଂଚଳରେ ଗଞ୍ଜେଇ ଚାଷକୁ ବୁଡେଇ ଦେ ପାଇଁ ଲୋକଙ୍କୁ ସଚେତନ କରନ୍ତୁ । ନିଜେ ନିଜ ପରିବାରରେ ସରକାରଙ୍କ ପ୍ରୋତ୍ସାହନ ରେ ବ୍ୟବସାୟ କରି ନିଜ ଘରର ମା ଭଉଣୀ ଝୀଙ୍କୁ ଲକ୍ଷ ପତି ଦିଦି କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି କହିଛନ୍ତି । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବାଲିଗୁଡ଼ା ଉପଜିଲ୍ଲାପାଳ ତଥା ସୁଭଦ୍ରା ମେଳାର ସଭାପତି ପ୍ରଶାନ୍ତା ଦାସ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ

କୁପସିନ୍ଧୁ ଦେ ଦେହେରା, ବାଲିଗୁଡ଼ା ଟିଡିଓ ଅଶୟ କୁମାର ମଳିକ, ଚତସିଲଦାର ଦାସ୍ପିପ୍ରକାଶ ଦେହେରା, ବାଲିଗୁଡ଼ା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିବଶଙ୍କର ସମର୍ଥ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ବିଜିନ୍ସ ସାଂସ୍କୃତିକ, ଆଧୁନିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା

ଏଏନ୍‌ଏମ୍ ଆବସିକ ଗୃହକୁ ନାହିଁ ପାନୀୟ ଜଳ ସଂଯୋଗ

ଦଶପଲ୍ଲା, ୧୧/୦୨ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ କୁଞ୍ଜବନগର ୱାର୍ଡ ନମ୍ବର ୫ ଠାରେ ଥିବା ଏଏନ୍‌ଏମ୍ ଆବସିକ ଗୃହକୁ ପାନୀୟ ଜଳ ଯୋଗାଣ ସଂଯୋଗ ପାଇଁ ସିଏଡସି ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖା ଯାଇଥିବା ଜଣାପଡିଛି । ମଧ୍ୟଖଣ୍ଡ ରୋଷ୍ଟା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାର ଚିଠି ନମ୍ବର ୧୮ ତା ୧୫/୦୧/୨୦୨୬ ରେ ଏଥିରେକ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇବା ସହିତ ଗୁରୁତ୍ୱ ପାଇପ୍ ସଂଯୋଗ ସ୍ୱାସ୍ଥ୍ୟ ଅଂଚଳ ହୋଇ ପରିବାରକୁ ନୂତନ ପାଇପ୍ ଜଳ ଯୋଗାଣ ସଂଯୋଗ ବ୍ୟବସ୍ଥା କରିବା ପାଇଁ ଅବଗତ କରାଇଥିବା ଜଣାପଡିଛି । ଅନ୍ୟ ପକ୍ଷରେ ସାଂସ୍କୃତିକ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ ଅର୍ଥ ସେଟ କଲେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ପାରିବ ବୋଲି ବିଭାଗୀୟ ଜେଇ ସାମ୍ ଚରଣ ବିଶ୍ୱାଳ ମତବ୍ୟକ୍ତ କରିବା ସହିତ ଏଭଳି କ୍ଷେତ୍ରରେ ନିର୍ଦ୍ଧାରିତ ଅର୍ଥ ସେଟ ବିନା ପାଇପ୍ ଜଳ ଯୋଗାଣ ସଂଯୋଗ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ମାଗଣା ପାଇପ୍ ଜଳ ଯୋଗାଣ ସମ୍ଭବପର ନୁହେଁ ବୋଲି କହିଛନ୍ତି । ଏଥି ପାଇଁ ଯଦି ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହୁଏ, ମୁଁ ସହଯୋଗ କରିବି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ନିଜ କେନ୍ଦ୍ରରେ ପରୀକ୍ଷା ଦେବାରୁ ବଂଚିତ ହେଉଛନ୍ତି ମାଟ୍ରିକ ପରୀକ୍ଷାର୍ଥୀ

ଦଶପଲ୍ଲା, ୧୧/୦୨ (ଆ.ପ୍ର) : ଚଳିତ ବର୍ଷ ଆସନ୍ତା ଫେବୃଆରୀ ୧୯ ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଦଶପଲ୍ଲାର ଆଦିବାସୀ ଅଂଚଳ ରେ ପରୀକ୍ଷା କେନ୍ଦ୍ର କରିବାକୁ କହୁ ବର୍ଷ ହେଲା ଦାବୀ ହୋଇ ଆସୁଥିଲେ ମଧ୍ୟ ତାହା ସଫଳତ ହୋଇ ପାରିଲା ନାହିଁ । ଫଳରେ ଏହି ଅଂଚଳର ପରୀକ୍ଷାର୍ଥୀ, ଅଭିଭାବକ ଓ ଜନସାଧାରଣଙ୍କ ମନରେ ଘୋର ଅସନ୍ତୋଷ ଦେଖା ଦେଇଛି । ଦଶପଲ୍ଲା ସହର ମହକୁମା ଠାରୁ ପଲୁଆ - ଜନସମ୍ପର୍କର ରାସ୍ତାରେ ୫୪ କି ମି ଦୂରରେ ନୂଆଗାଁ ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ । ଏହି ରାସ୍ତା ରେ ଜଇଆଁଡିହ ଉଚ୍ଚ ବିଦ୍ୟାଳୟ, ନନ୍ଦୁମର ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ, ବାମ ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ, ଭାଲୁସାହି ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ ଓ ନୂଆଗାଁ ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ ରହିଛି । ଏହି ୫ ଖଣ୍ଡ ସରକାରୀ ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟରୁ ୧୫ ଠରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ବହୁ ଦୂରରେ ଥିବା ଦଶପଲ୍ଲାରେ ଆସି ପରୀକ୍ଷା ଦେବାକୁ ହେଉଛନ୍ତି । ବାରମ୍ବାର ମଧ୍ୟସ୍ଥଳ ନନ୍ଦୁମର ଭର୍ତ୍ତିତ ଉଚ୍ଚ ବିଦ୍ୟାଳୟ ରେ ପରୀକ୍ଷା କେନ୍ଦ୍ର କରିବାକୁ ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବୀ କରାଯାଇ ଥିଲେ ମଧ୍ୟ ସେଭଳି ସୁଫଳ ମିଳିପାରିନାହିଁ । ଶେଷ ରେ ସେମାନଙ୍କୁ ନିରାଶ ହେବାକୁ ପଡିଛି ।

ଗ୍ରାମୀଣ ନାଟ୍ୟ ସଂସ୍କୃତିର ବିକାଶ ପୁରୁଷ ଥିଲେ ଦାମ ମାଷ୍ଟ୍ରେ : ମହାସଂଘ

ବ୍ରହ୍ମପୁର, ୧୧/୦୨ (ଆ.ପ୍ର) : କଳା ଓ କଳାକାର ହିତୈଷୀ ମହାମଂଚ ' ନିଖୁଞ୍ଜ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ସ୍ଥାନୀୟ ବାଲାଜୀପେଣ୍ଟ ସାହି ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ମହାସଂଘ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକ ସଭାରେ ବରିଷ୍ଠ କଳାକାର ମହେନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲଦ ନାଟକ କଳାକାର ଦୀନବନ୍ଧୁ ପାତ୍ର, ଗାଇଣ ଗୁରୁ ଜି. କାମରାଜୁ ପାତ୍ର, ପାଲା ଜଳକାର ଆନନ୍ଦ ମହାରଣା ପ୍ରମୁଖ ମଂଚାସୀନ ଥିଲେ । ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେବା ପରେ ମହାସଚିବ ସୁବାସ ଚନ୍ଦ୍ର ସାହୁ ଶୋକ ପ୍ରସ୍ତାବ ଉପସ୍ଥାପନ କରିବା ସମୟରେ ପ୍ରଥମଯଶୀ ଗ୍ରାମୀଣ ନାଟ୍ୟଗୁରୁ ବାମୋଦର ବାଡ଼ଚ୍ୟାଙ୍କ ବିୟୋଗ ସଂବାଦରେ ସୂଚନା ଦେଇଥିଲେ । ଗ୍ରାମୀଣ ନାଟ୍ୟ ସଂସ୍କୃତି ବିକାଶ କ୍ଷେତ୍ରରେ ଦାମ ମାଷ୍ଟ୍ରଙ୍କ ଅନେକ ଅବଦାନ ରହିଛି । ମୃତ୍ୟୁ ବେଳକୁ ତାଙ୍କୁ ଚଉରାଶି ବର୍ଷ ହୋଇଥିଲା । ଏହି ବର୍ଷିୟାନ ଗୁରୁଙ୍କ ବିୟୋଗରେ ଗ୍ରାମୀଣ ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି । ପ୍ରକୃତପକ୍ଷେ ଦାମ ମାଷ୍ଟ୍ରେ ଗ୍ରାମୀଣ ନାଟ୍ୟ ଜଗତର ଜନୈକ ବିକାଶ ପୁରୁଷ ଥିଲେ ବୋଲି ଆଲୋଚକ ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ଚିତ୍ତରଞ୍ଜନ ସାହୁ, ସ୍ୱରବିଭୂଧ ରମେଶ ଚନ୍ଦ୍ର ସ୍ୱାଇଁ, ନାଟ୍ୟକାର ଯୁଧିଷ୍ଠିର ଭଞ୍ଜସାମନ୍ତ ଭିତିରି ବନପଟ୍ଟରେନ୍ଦ୍ର ଯୋଗେ ଆପଣା ଆପଣା ଶୋକ ବ୍ୟକ୍ତ କରିଥିଲେ । ସର୍ବ ପ୍ରଥମେ ଦିବଂଗତ ଆତ୍ମାର ସଦ୍ଗତି କାମନା ପୂର୍ବକ ନୂତନ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମହାସଂଘର ବହୁ ସଦସ୍ୟ ଦିବଂଗତ ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଉପ-ମହାସଚିବ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଜନଗଣନାରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଜିଲ୍ଲାବାସୀଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ଆହ୍ୱାନ

ଯାଜପୁର, ୧୧/୦୨ (ଆ.ପ୍ର) : ଯାଜପୁର ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୬ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସଦନ କୁମାର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ଜିଲ୍ଲାର କୋଡାଲ ଅଧିକାରୀ ଭାବେ ଶ୍ରୀମତୀ ମିଲୁଚା ଦତ୍ତ, ଉପେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ, ତହସିଲଦାର

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବହୁତ ଦିନର ସଂଘର୍ଷର ହେଲା ଅନ୍ତ, ଶୁଭାରମ୍ଭ ହେଲା ସର୍ବେଶ୍ୱର ଗ୍ରାମୀଣ ହାଟ

ଜଗତସିଂହପୁର, ୧୧/୦୨ (ଆ.ପ୍ର) : ରସୁନାଥପୁର ବ୍ଲକ ଅନ୍ତର୍ଗତ ଏରଡ଼ଙ୍ଗା ପଂଚାୟତର ସର୍ବେଶ୍ୱର ପଡ଼ିଆରେ ପଂଚାୟତସ୍ତରୀୟ 'ସର୍ବେଶ୍ୱର ଗ୍ରାମୀଣ ହାଟ'ର ଶୁଭାରମ୍ଭ ଉତ୍ସବମୁଖର ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଚାଷୀ ବହୁଳ ଏହି ପଂଚାୟତରେ ବାର୍ଷିକି ଧରି ଏକ ସୁବ୍ୟବସ୍ଥିତ ହାଟର ଆବଶ୍ୟକତା ଅନୁଭବ କରାଯାଇଥିଲା । ଏହି ହାଟ ଆରମ୍ଭ ହେବା ଫଳରେ ସ୍ଥାନୀୟ ଚାଷୀମାନେ ତାଙ୍କର ପରିବା, ଧାନ, ଡାଲି, ଫଳ ଓ ଅନ୍ୟାନ୍ୟ କୃଷି ଜାତୀୟ ସିଧାସଳକ ଭାବେ ଗ୍ରାହକଙ୍କ ପାଖକୁ ବିକ୍ରୟ କରିପାରିବେ । ମଧ୍ୟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳତା କମିବା ସହ ଚାଷୀମାନେ ଯଥୋଚିତ ମୂଲ୍ୟ ପାଇବେ ବୋଲି ଆଶା କରାଯାଇଛି । ଏହି ଗ୍ରାମୀଣ ହାଟ ଅଂଚଳର ଅର୍ଥନୈତିକ କ୍ରିୟାକଳାପକୁ ଆହୁରି ସଚଳ କରିବାରେ ସହାୟକ ହେବ । ସ୍ଥାନୀୟ ଯୁବକ, ସ୍ୱୟଂସହାୟକ ଗୋଷ୍ଠୀ ଓ ଛୋଟ ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ଏହା ଏକ ନୂତନ ସୁଯୋଗ ସୃଷ୍ଟି କରିବ । ହାଟ ପରିସରରେ ପାନୀୟ ଜଳ, ପରିଷ୍ଣାରତା ଓ ବ୍ୟବସ୍ଥିତ ଦୋକାନ ବ୍ୟବସ୍ଥା ନିମନ୍ତେ ପ୍ରୟାସ ନିଆଯାଇଛି । ଶୁଭାରମ୍ଭ ଅବସରରେ ପଂଚାୟତ ର ବରିଷ୍ଠ ବ୍ୟକ୍ତି ତଥା ଅଂଚଳର ମୃତଦୀ ଜନାର୍ଦ୍ଦନ ଦାସଙ୍କ କର କମଳରେ ଶୁଭାରମ୍ଭ ହେଲା, ଏଥିରେ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ଦେବେରା, ସାଂସଦଙ୍କ ବ୍ଲକ ପ୍ରତିନିଧି ଗଗନ ଦାସ, ସରପଂଚ ଧର୍ମାନନ୍ଦ ସେଠୀ, ଯୁବ ସମାଜସେବୀ ତଥା ବିଜେପି ଜିଲ୍ଲା ସମ୍ପାଦକ ଡ଼ଃ ପ୍ରକାଶ ଚନ୍ଦ୍ର ବଜାଲ, ସାଂସଦଙ୍କ ରସୁନାଥପୁର ମେଡିକାଲ ପ୍ରତିନିଧୁ ଆଶିଷ ସାମଲ ଓ ଅଂଚଳବାସୀମାନଙ୍କ ଉପସ୍ଥିତି ଦେଖାଯାଇଥିଲା । ସମସ୍ତେ ଏହି ପଦକ୍ଷେପକୁ ସ୍ୱାଗତ କରି ଅଂଚଳର ସମୃଦ୍ଧି ପାଇଁ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ । ଏପରି କାର୍ଯ୍ୟରେ ସତ୍ୟବ୍ରତ ତ୍ରିପାଠୀ, ନବକିଶୋର ମଲ୍ଲ , ବଳରାମ ବଜାଜ, ଦେବାଶିଷ ବଜାଜ, ମାନସ ଦାସ, ନରେଶ ଦାସ, ଜେତାଜନାଥ ଦାସ , ସ୍ମୃତି ରଞ୍ଜନ ବେହେରା, ବାପ୍ପି ରଞ୍ଜନ ଋଷୁଆ, ସ୍ମୃତି ରଞ୍ଜନ ନାୟକ, ବାପ୍ପି ରଞ୍ଜନ ମହାପାତ୍ର, ରବୀନ୍ଦ୍ର ମଲ୍ଲ, ରଜିତ ମଲ୍ଲ , ଆଇନଜୀବି କମଳାକାନ୍ତ ତ୍ରିପାଠୀ, ପ୍ରମୋଦ କୁମାର ଦାସ,ପ୍ରବନ୍ଧୁ କୁମାର ଦାସ, ଅରକ୍ଷିତ ଦାସ, ଅମିତ ଦାସ , ବପନ୍ନ କୁମାର ବଜାଜ, ରଣ୍ଟି ରଞ୍ଜନ ସ୍ୱାଇଁ, ବିଜୁ ରାଏ, ବିର କିଶୋର ବାରିକ, ଅନାଦି ଦାସ, ଦିଲୀପ ଦାସ , ଆଂଟୀଲାଲ୍ ନାୟକ, ଆଶିଷ ମଲ୍ଲିକ, ବଗଲା ମହାପାତ୍ର , ଦିଲୀପ ଦାସ , ଅଜିତ ମହାପାତ୍ର ଏଥିରେ ଯୋଗଦାନ କରି ସାହାଯୋଗ କରିଥିଲେ ।

ନଙ୍ଗଳବୋଡ଼ରେ ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ

ସିନାପାଲି, ୧୧/୦୨ (ଆ.ପ୍ର) : ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ ଆୟୋଜନରେ ସିନାପାଲି ବନାଂଚଳ ଅନ୍ତର୍ଗତ ନଙ୍ଗଳବୋଡ଼ ଫରେଷ୍ଟ ବେଟନ ପରିସରରେ ବନାଂଚଳ ସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭ କଳିଙ୍গ ହାଇସ୍କୁଲ, ଲଟପାଣିର ଝିଅମାନଙ୍କ ପ୍ରାରମ୍ଭିକ ଗୀତ ସହ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡିଏଫଓ ମାଛଷର ଅଜିତ ଖାନ ଯୋଗଦେଇ ଜଙ୍ଗଲ ନିଆଁରୁ କୁ-ପ୍ରଭାବ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଳପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମାଧୁରୀ ମାଝୀ (ଅଧକ୍ଷୀ, ସିନାପାଲି), ମିନା ସିଂଲୋ (ଉପାଧକ୍ଷୀ, ସିନାପାଲି), ପୁଷ୍ପାଞ୍ଜଳି ଗୁଞ୍ଜା (ଜିଲ୍ଲା ପରିଷଦ ସଦସ୍ୟା), କର୍ମୀ ଓରାମ (ଗୋଷ୍ଠୀ ଅଧିକାରୀ, ସିନାପାଲି), ଜଗଦୀଶ ମାଝୀ (ନଙ୍ଗଳବୋଡ଼ ସରପଂଚ) ଓ ନରେନ୍ଦ୍ର ପ୍ରଧାନ (ଅଗ୍ନି ନିର୍ବାରଣ ଅଧିକାରୀ) ଉପସ୍ଥିତ ରହି ଜଙ୍ଗଲକୁ କିପରି ନିଆଁ ଦାହ ରୁ ମୁକ୍ତ ରଖିବା ତା ଉପରେ ମତାମତ ରଖିଥିଲେ । ମୁଖ୍ୟ ବକ୍ତା ମହେନ୍ଦ୍ର ଯୋଶୀ (ପ୍ରକୃତି ସାଥୀ) ଜଙ୍ଗଲ ନିଆଁ ରୋକଥାମ ପାଇଁ ସାମୁହିକ ସଚେତନତା ଓ ଲୋକସହଭାଗିତାର ଗୁରୁତ୍ୱ ଉପରେ ଦୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ଥିଲେ ଲାମେଶ୍ୱର ଡାଣ୍ଡି, ବନାଂଚଳ ଅଧିକାରୀ, ସିନାପାଲି । ସଫଳ ଆୟୋଜନରେ କାର୍ଯ୍ୟ ସୁନାନୀ, ମନୋଜ ବାଗ, କୁଳେଶ୍ୱରୀ ମାଝୀ, ସଂଗ୍ରାମ ସିଂ ପ୍ରଧାନ, ଲୁଲ୍ଲା ବାରିକ, ସରୋଜ ମାଝୀ, ଶୁଭ ମାଝୀ ଓ ବଳରାମ ମାଝୀ ସହଯୋଗ କରିଥିଲେ । ଶିବିରରେ "ରହିଲେ ବନ, ବଂଚିବେ ଜନ" ସ୍ଲୋଗାନ ସହିତ ସମସ୍ତଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନଙ୍ଗଳବୋଡ଼ ଗ୍ରାମବାସୀମାନେ ବହୁ ସଂଖ୍ୟରେ ଯୋଗଦାନ କରିଥିଲେ । ଶେଷରେ କାମେଶ୍ୱର ଡାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

ଅନଲାଇନ ସେପ୍ଟି ସାଇବର ସଚେତନ ଶିବିର

ବାଲିଆପାଳ, ୧୧/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲିଆପାଳ ସିଡ଼ିପିଓ ସୁନିତା ନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବେଟି ବଚାଉ ବେଟି ପଢାଉ ଅନ୍ତର୍ଭୁକ୍ତ ଅନଲାଇନ ସେପ୍ଟି ସାଇବର ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ରାଧା ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଣୀ ନମିତା ପ୍ରଭା ସାମଲ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ଥିବା ୨୮ ପଂଚାୟତରୁ ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଆଶାକର୍ମୀ ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କିଶୋରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସାଇବର ଥାନା ଇନ୍‌ସପେକ୍ଟର ମାନସ ରଞ୍ଜନ ବିଶ୍ୱାଳ ଯୋଗଦେଇ ଏବେ ମୋବାଇଲ ବ୍ୟବହାର କରୁଥିବା ପିଢୀଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ସାଇବର ଠକାମୀରେ ଶିକାର ହେଉଛନ୍ତି, ତେଣୁ ମୋବାଇଲରେ ଅଦରକାରୀ ଆପ ଡାଉନଲୋଡ୍ କରନ୍ତୁ ନାହିଁ ବିଶ୍ୱାସ ଭାଜନ ହୋଇ ଓଟିପିକୁ ସେୟାର ନକରିବା, ବପନାମିରେ ବବବର୍ତ୍ତୀ ହୋଇ ଫୋଟ ଭିଡିଓ ସେୟାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ ସାଇବର ଅନଲାଇନ୍ ସେପ୍ଟି ଏକପୋର୍ଟ ଅଶୋକ ମିଧି ନିଜକୁ କେମିତି ସାଇବର ରୁ ରକ୍ଷା କରିପାରିବେ ଏଲାସିଡି ମାଧ୍ୟମରେ ବିଭିନ୍ନ ତରିକା ଦେଖାଥିଲେ । ମଞ୍ଚକ ପରିଦର୍ଶିକା ଅରପ୍ରିତା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁପରଭାଇଜର ଅର୍ଚ୍ଚିନା ସି, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି, ଇନ୍ଦିରା ପାତ୍ର, କଳକଳତା ବାରିକ, ଅଞ୍ଜଳି ମୁର୍ମୁ, ଜନିଷ୍ଠ ବିରାଣୀ ଯୁକ୍ତିଷ୍ଠିତ ସୁରକ୍ଷା ବିଭାଗର ଶୁଭେଚ୍ଛୁ ପାଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ । ଫୋଟୋ ସାଇବର ସଚେତନ ପାଇଁ ସତର୍କ କରାଯାଇଛି ।

ମହିଳା ସୁରକ୍ଷା ସମ୍ପର୍କିତ ନିୟମାବଳୀ ଓ ଆଇନ ଉପରେ ବିଭାଗଭିତିକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ

ନୀଳଗିରି, ୧୧/୦୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ପଶୁ ଚିକିତ୍ସାନୁଷ୍ଠାନରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ପ୍ରତିଷେଧ ଓ ପ୍ରତିକାର ସମ୍ପର୍କିତ ନିୟମାବଳୀ ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ ଆଇନ ଉପରେ ବିଭାଗଭିତିକ ସଚେତନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ୯ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଭଲୟ ପରିସରରେ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଆୟୋଜିତ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା କୁଳସଚିବ କୁଜୁମୀନା ଦାସ ଏବଂ ସ୍ୱାସ୍ଥ୍ୟକୋଷର ପରିଷରର ଅଧକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସକ୍ରିୟ ସହଯୋଗରେ ହେଉଅଛି । ଏହି ପଦକ୍ଷେପର ସମନ୍ୱୟକ ଭାବେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ଅଧକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ ବାରିଦ୍ୱ ନିର୍ବାହ କରୁଛନ୍ତି । ନିୟମାବଳୀ ଓ ଆଇନର ନିର୍ଦ୍ଦେଶାନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଗବେଷକମାନଙ୍କୁ କାର୍ଯ୍ୟସ୍ଥଳ ଏବଂ ଶିକ୍ଷା ପରିବେଶର ସୁରକ୍ଷା, ମର୍ଯ୍ୟାଦା ଓ ଲିଙ୍ଗ ସମାନତା ବିଷୟରେ ସଚେତନ କରିବା । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ, "ନିରାପଦ, ସମ୍ମାନଶୀଳ ଓ ପରସ୍ପର ସମ୍ମାନପୂର୍ଣ୍ଣ ଶିକ୍ଷା ପରିବେଶ ସୃଷ୍ଟି କରିବା ବିଶ୍ୱବିଦ୍ୟାଳୟ ପରିବାରର ସମସ୍ତ ଅଂଶୀଦାରଙ୍କର ସାମୁହିକ ଦାୟିତ୍ୱ । ସଚେତନତା ଓ ସମ୍ବେଦନଶୀଳତା ମାଧ୍ୟମରେ ଏହାକୁ ସଫଳ କରାଯାଇପାରିବ ।" ଏହି ଅବସରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ କହିଥିଲେ, "ଏହି ବିଭାଗଭିତିକ ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ହେବଦ ଆଇନ ସମ୍ପର୍କିତ ତଥ୍ୟ ସମ୍ପର୍କରେ ସ୍ପଷ୍ଟ ଧାରଣା ଦେବା ସହ ଅନୁଚିତ ବ୍ୟବହାର ବିରୋଧରେ ନିର୍ଭୟ ଭାବେ ସ୍ୱର ଉଠାଇବାକୁ ସକ୍ଷମ କରିବା ।"

ଇସ୍ପାତ କାରଖାନାର ସିଏମଏମ ଏବଂ ଏମଏସଏସ ବିଭାଗର କର୍ମଚାରୀ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୧୧/୦୨ (ଆ.ପ୍ର) : ସେଲ, ରାଉରକେଲା ଇସ୍ପାତ କାରଖାନାର କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) (ସିଏମଏମ) ଏବଂ ଏମଏସଏସ ବିଭାଗର ୧୮ ଜଣ କର୍ମଚାରୀଙ୍କୁ ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଫେବୃଆରୀ ୭ ତାରିଖ ଦିନ ଆରସିଏମ ବିଭାଗର (ମରାମତ ଭବନ) ସଭାକକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିନିଏମ ଡି କେ ପାଳ ଅଧକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସିଏମଏମ ବିଭାଗର ଜିଏମ ଇନଚାର୍ଜ ଏସ୍ କେ ପଟ୍ଟନାୟକ, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ମାନବ ସମ୍ବଳ ବିଭାଗର ପ୍ରତିନିଧି ଏବଂ ସିଏମଏମ ଅଧିନସ୍ଥ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପାଳ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଅନୁକରଣୀୟ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ । ରକ୍ଷଣାବେକ୍ଷଣରେ ଉତ୍କର୍ଷତା ହାସଲ ସହ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଅନୁରୂପ ଜବାବ ତଥା ପ୍ରତିବଦ୍ଧତା ସହିତ ସମସ୍ତଙ୍କୁ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀ ପଟ୍ଟନାୟକ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିବା ସହିତ ସାଙ୍ଗଠନିକ ଉତ୍କର୍ଷତା ହାସଲ କରିବାରେ ସେମାନଙ୍କର ଆଗ୍ରହ, ନିଜର ଭାବନା ଏବଂ କଠିନ ପରିଶ୍ରମକୁ ଅନୁକରଣ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କର ଉତ୍କୃଷ୍ଟନୀୟ ଅବଦାନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଡି ସୋରେନ, ସଂଯୋଜନା କରିଥିଲେ ।

ଦୀର୍ଘ ବର୍ଷ ହେବ ଅପନ୍ତରିଆ ସହ ଝୁଲୁଛି ତାଲା
କାହା ସ୍ୱାର୍ଥରେ ଧାମନଗର ପଂଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ଗୃହ

ଧାମନଗର, ୧୧/୦୨ (ଆ.ପ୍ର) : ଗତ ୨୦୧୬ ମସିହା ଡିସେମ୍ବର ୨୬ ତାରିଖରେ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ କରକମଳରେ ଧାମନଗର ବ୍ଲକ ପରିସରରେ ନିଜ ପଂଚାୟତର ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଆଂଚଳିକ ଉନ୍ନୟନ ନେଇ ବ୍ଲକକୁ ଆସୁଥିବା ପଂଚାୟତ ସମିତି ପ୍ରତିନିଧିଙ୍କ ନିମନ୍ତେ ବିଶ୍ରାମ ଗୃହ ଉଦଘାଟନ ହୋଇଥିଲା । ଏଥିରେ ତତ୍କାଳୀନ ଜିଲ୍ଲାପାଳ ଲକ୍ଷ୍ମୀ ନାରାୟଣ ମିଶ୍ର, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଉପାଧକ୍ଷା ଜମିନା ବିଶ୍ୱାଳ ଓ ବିଡ଼ିଓ ଡଃ ନରହରି ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ମାତ୍ର ପଂଚାୟତ ସମିତି ପ୍ରତିନିଧିଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ ଏହି ଗୃହରେ ଦୀର୍ଘ ବର୍ଷ ହେବ ତାଲା ଝୁଲୁଛି । ଏ ସମ୍ପର୍କରେ ବିଗତ ବର୍ଷରେ ବିଡ଼ିଓଙ୍କୁ ପଚାରିବାରେ ସେଥିରେ ନିର୍ବାଚନ ସମ୍ବନ୍ଧୀୟ ଜାଗାଜପତ୍ର ଥିବା କହି କଥାକୁ ଏଡ଼ାଇ ଯାଇଥିଲେ । ଆଉ କେଇ ମାସ ପରେ ତ୍ରୀ- ସ୍ତରୀୟ ପଂଚାୟତ ନିର୍ବାଚନ ହେବ । ମାତ୍ର ଏଯାଏଁ ଏହି ଘରେ ତାଲା ଝୁଲୁଥିବା ଦେଖା ଯାଇଛି । ଏ ସମ୍ପର୍କରେ ଆମ ଧାମନଗର ପ୍ରତିନିଧି ସୁଧାକର ଦାଶ ବ୍ଲକ ଗ୍ରାମ ପଂଚାୟତ ସମ୍ପର୍କସାଧନ ଅଧିକାରୀଙ୍କୁ ପଚାରିବାରେ ସେମାନେ କହିଥିଲେ ଯେ, ଗତ ପଂଚାୟତ ନିର୍ବାଚନ ସମ୍ବନ୍ଧୀୟ କାଗଜ ପତ୍ର ନଷ୍ଟ ହୋଇଥିଲେ ମଧ୍ୟ ଯେଉଁ ପଂଚାୟତ ପ୍ରତିନିଧିଙ୍କ ଉପରେ ନିର୍ବାଚନ ସମ୍ବନ୍ଧୀୟ ମାମଲା କୋର୍ଟରେ ବିଚାରାଧୀନ ଥିଲା ସେହି ପଂଚାୟତର କାଗଜ ପତ୍ର ଏହି ଘରେ ମହଜୁଦ ଅଛି । ତାଲୁମଧ୍ୟ ନଷ୍ଟ କରିଗଲାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ଗତ ୨ ତାରିଖ ପତ୍ର ସଂଖ୍ୟା ୨୩୧ ଅଧାରରେ ଭଦ୍ରକ ଜିଲ୍ଲାପାଳ ଗତ ୪ ତାରିଖ ତାଙ୍କ ପତ୍ର ସଂଖ୍ୟା ୮୭ ରେ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ବିଡ଼ିଓ ଏବଂ ତହସିଲଦାରଙ୍କ ଉପସ୍ଥିତିରେ ଆସନ୍ତା ୧୩ ତାରିଖରେ ବ୍ଲକ ତରଫରୁ ସେହି ଘର ଖୋଲାଯାଇ ଅଦାଲତ ପାଇଁ ମହଜୁଦ ଥିବା ଅବଶିଷ୍ଟ କାଗଜ ପତ୍ର ନଷ୍ଟ କରାଯିବ ବୋଲି ସୂଚନା ଦେଇଥିଲେ ।

ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାକ୍ ଗୁଣମାନ ସଂସ୍କୃତି ବିଷୟରେ ଏକଦିନିଆ କର୍ମଶାଳା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୧/୦୨ (ଆ.ପ୍ର) : ଗଜପତି ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଷ୍ଟମ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ ତରଫରୁ "ନାକ୍ ମାନ୍ୟତା ପାଇଁ ଗୁଣମାନ ସଂସ୍କୃତିର ଅନ୍ତର୍ନିହିତକରଣ : ଆଇକ୍ୟୁଏସି ଦୃଷ୍ଟିକୋଣ" ଶୀର୍ଷକରେ ଏକ ଏକଦିନିଆ କର୍ମଶାଳା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ସୁରେନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ଆଇକ୍ୟୁଏସି ସଂଯୋଜକ ଡ. ବିଶ୍ୱେଶ୍ୱର ମିଶ୍ର ତାଙ୍କ ଉଦ୍‌ବୋଧନରେ ଉଚ୍ଚଶିକ୍ଷା ସଂସ୍ଥାରେ ଗୁଣମାନ ଆଶ୍ୱାସନକୁ ଏକ ଅବିରତ ପ୍ରକ୍ରିୟା ଭାବେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଉପସ୍ଥିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ନାକ୍ ? ମାନ୍ୟତାକୁ କେବଳ ମୂଲ୍ୟାୟନ ମାଧ୍ୟମ ନୁହେଁ, ବରଂ ସଂସ୍ଥାଗତ ଗୁଣମାନ ଉନ୍ନତିର ଏକ ବୃହତ୍ ଢାଂଚା ବୋଲି ଅଭିହିତ କରିଥିଲେ । ସମ୍ମାନିତ ଅତିଥି ସିସ୍ଟମ୍ଟିମ (ଉଟକଲ) ର ଇଂଗ୍ରାଜୀ ବିଭାଗର ସହକାରୀ ପ୍ରଫେସର ଏବଂ ସଂଯୋଜକ ଡ. ଗିରିଶ ପ୍ରସାଦ ରଥ ତାଙ୍କ ଭାଷଣରେ ଆଇକ୍ୟୁଏସିର ଭୂମିକା, ଉଚ୍ଚତର ମାନଦଣ୍ଡ ସହ ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରଣାଳୀର ସମନ୍ୱୟ ଓ ଡକ୍ୟୁମେଂଟେସନର ପ୍ରାୟୋଗିକ ପ୍ରାସଙ୍ଗିକତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରୋଫେସର ରାଧାକାନ୍ତ ଭୂୟାଁ ସଭାପତିତ୍ୱ କରି ସମସ୍ତ ବିଭାଗର ସାମୁହିକ ଅଂଶଗ୍ରହଣ ଦ୍ୱାରା ଗୁଣମାନ ସଂସ୍କୃତି ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ ଓ ଆ

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ସୁପର ଓଭରରେ ଆଫଗାନିସ୍ତାନକୁ ହରାଇଲା ଦକ୍ଷିଣ ଆଫ୍ରିକା

ଅହମଦାବାଦ, ୧୧/୨(ନ୍ୟୁ.ଏ): ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବୁଧବାର ଦେଖିବାକୁ ମିଳିଛି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ତରମ ରୋମାଂଚ । ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପେକ୍ଷାକୃତ ଦୁର୍ବଳ ଲାଗୁଥିବା ସତ୍ତ୍ୱେ ଦ୍ୱିତୀୟ ସୁପର ଓଭର ପର୍ଯ୍ୟନ୍ତ ଲଢିଥିଲା ଆଫଗାନିସ୍ତାନ । ତେବେ ମୁକାବିଲାକୁ ଜିତି ନେଇଛି ଦକ୍ଷିଣ ଆଫ୍ରିକା, କିନ୍ତୁ ଶେଷ ପର୍ଯ୍ୟନ୍ତ ଲଢେଇ କରି ହୃଦୟ ଜିତିଛି ଆଫଗାନ ଦଳ । ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୮୭ ରନ କରିଥିଲା । ଅଧିନାୟକ ଆଇଡେନ ମାର୍କରାମ୍ ସହଜ ପାଲିଯିବାର ଫେରିବା ପରେ ଡ୍ୱିଂଟନ ଡିକକ୍ (୫୯) ଓ ଜିୟାନ ରିକଲଟନ(୬୧) ଏକ ଶତକୀୟ ଭାଗୀଦାରୀ କରି ସ୍କୋରକୁ ଏକ ସୁରକ୍ଷିତ ସ୍ତରକୁ ନେଇଯାଇଥିଲେ । ପରେ ଡେଭିଡ୍ ମିଲର (୨୦) ଉପଯୋଗୀ ପାଳି ଖେଳି ସ୍କୋରକୁ ୧୮୬ରେ ସହଂତାଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଅଜମାତୁଲ୍ଲା ଓମର୍‌ଜାଇ ୩ଟି ଓ ରସିଦ ଖାଁ ୨ଟି ୱିକେଟ୍ ନେଇଥିଲେ । ୧୮୭ ରନର ଲକ୍ଷ୍ୟର ପିଛା କରୁଥିବା ଆଫଗାନିସ୍ତାନର ଓପନର ରହମାନୁଲ୍ଲା ଗୁରବାଜ (୮୪) ଓ ଇବ୍ରାହିମ ଜଦ୍ରାନ (୧୨) ପ୍ରଥମ ୱିକେଟ୍‌ରେ ୫୧ ରନର ଭାଗୀଦାର କରିଥିଲେ । ମାତ୍ର ଦଳ ୫୧ ରନରେ ଲଗାତାର ୨ଟି ଓ ୫୨ ରନରେ ୩ୟ ୱିକେଟ୍‌ହରାଇ ସମ୍ପୂର୍ଣ୍ଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ତେବେ ଗୁରବାଜ ଓ ଜରଦ୍ରାନ ରସୁଲି (୧୫)ଙ୍କ ମଧ୍ୟରେ ହୋଇଥିବା ୬୯ ରନର ଏକ ଭାଗୀଦାର ବଳରେ ଦଳ ନିଜର ଲଢେଇ ଜାରି ରଖିଥିଲେ । ପରେ ଅଜମାତୁଲ୍ଲା ଓମର୍‌ଜାଇ (୨୨), ରସିଦ ଖାଁ(୨୦) ଓ ଶେଷ ଓଭରରେ ନୂର ଅହମ୍ମଦ(୧୫)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଦଳ ୧୮୭ ରନ କରିବା ସହ ମ୍ୟାଚ ଟାଇ ହୋଇଥିଲା । ତବଳ ସୁପର ଓଭର ପ୍ରଥମ ସୁପର ଓଭରରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୭ ରନ କରିଥିଲା । ଏହାର ଜବାବରେ ଦକ୍ଷିଣ ଆଫ୍ରିକା ମଧ୍ୟ ୧୭ ରନ କରିବାରୁ ଏକ ଦ୍ୱିତୀୟ ସୁପର ଓଭର ଖେଳ ହୋଇଥିଲା । ଏଥିରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ଗୋଟିଏ ୱିକେଟ୍ ବିନିମୟରେ ୨୩ ରନ କରିଥିଲା । ୨୪ ରନ ଲକ୍ଷ୍ୟର ପିଛା କରିବାକୁ ଯାଇ ଆଫଗାନିସ୍ତାନ ଗୋଟିଏ ୱିକେଟ୍ ହରାଇ ୧୯ ରନ ହିଁ କରିପାରିଥିଲା ।

ଚକିତ କରିବା ଭଳି ୟୁ-ଟର୍ଣ୍ଣ ନେଲା ବାଂଲାଦେଶ

ନୂଆଦିଲ୍ଲୀ, ୧୧/୨(ନ୍ୟୁ.ଏ): ବାଂଲାଦେଶର ଅନ୍ତରୀଣ ସରକାରରେ କ୍ରୀଡ଼ା ପରାମର୍ଶଦାତା ଭାବେ କାମ କରୁଥିବା ଆସିଫ ନଜରୁଲ ଟି-୨୦ ବିଶ୍ୱକପ ବିବାଦରେ ଚକିତ କରିବା ଭଳି ୟୁ-ଟର୍ଣ୍ଣ ନେଇଛନ୍ତି । ଟି-୨୦ ବିଶ୍ୱକପ ୨୦୨୬ରେ ଭାଗ ନ ନେବାର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ଖେଳାଳି ଓ ବାଂଲାଦେଶ କ୍ରିକେଟ ବୋର୍ଡର ଥିଲା । ଏଥିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ ବୋଲି ସେ କହିଛନ୍ତି । କିନ୍ତୁ ତାଙ୍କର ଏପରି ବୟାନ ସମସ୍ତଙ୍କୁ ଚକିତ କରିଛି । କାରଣ ପୂର୍ବରୁ ସେ କହିଥିଲେ ଯେ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ କ୍ରିକେଟ ଟିମ ଭାରତ ନ ଯିବା ନିଷ୍ପତ୍ତି ସଂପୂର୍ଣ୍ଣ ସରକାର ନେଇଛନ୍ତି । ବାଂଲାଦେଶ କ୍ରିକେଟର ଓ ସିସିବି ସହ ଟି-୨୦ ବିଶ୍ୱକପରେ ଭାଗ ନ ନେବା ପାଇଁ ହୋଇଥିବା ବୈଠକରେ ସେ ନିଜେ ଉପସ୍ଥିତ ରହିଥିଲେ । ବାଂଲାଦେଶ ସରକାର ସୁରକ୍ଷାର ଆଳ କରି ନିଜ ଟିମର ଖେଳାଳିଙ୍କୁ ଭାରତ ପଠାଇ ନଥିଲେ । ସେହିପରି ଏଥିରେ ବାଂଲାଦେଶ କ୍ରିକେଟର ବିଶେଷ କିଛି କହିବାକୁ ସୁଯୋଗ ପାଇ ନଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଜାନୁଆରୀ ୨୨ରେ ଆସିଫ ସର୍ବସମ୍ମୁଖରେ କହିଥିଲେ ଯେ "ସରକାର କାହିଁକି ଏପରି ନିଷ୍ପତ୍ତି ନେଲେ ଓ ପୂରା ଘଟଣା ସମ୍ପର୍କରେ ଏପରି ବୈଠକ ହୋଇଥିଲା । ମୋର ଆଶା ଆଜିର ବୈଠକ ପରେ ଖେଳାଳିମାନେ ସବୁ ବୁଝି ଯାଇଥିବେ । ଏହା ହିଁ ବୈଠକର ଉଦ୍ଦେଶ୍ୟ ଥିଲା । ଏହାଛଡ଼ା ଆଉ କୌଣସି ଆଲୋଚନା ହୋଇନି । ଆଇସିସି ଠାରୁ ଆମକୁ ନ୍ୟାୟ ମିଳିଲାନି । ଆମେ ବିଶ୍ୱକପ ଖେଳିବୁ କି ନ ଖେଳିବୁ, ସେଇଆ ସଂପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ।" ହେଲେ ମଜାକଥା ହେ ଗଣମାଧ୍ୟମକୁ ଦେଇଥିବା ବୟାନରେ ପୂର୍ବ କଥାରୁ ସ୍ୱତନ୍ତ୍ରୟଣ୍ଡକୁ ସାମିଲ କରିଛି । ପୂରା ଓହରି ଯାଇଛନ୍ତି । ସେ କହିଛନ୍ତି, "ବିଶ୍ୱକପ ନ ଖେଳିବାର ଅନୁତାପ ଆଦୌ ନାହିଁ । ବିଶ୍ୱକପ ନ ଖେଳିବା ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ବିସିବି ଓ ଖେଳାଳିମାନେ ନେଇଥିଲେ । ସେମାନେ ବାଂଲାଦେଶ କ୍ରିକେଟର ସୁରକ୍ଷା, ଲୋକଙ୍କ ସୁରକ୍ଷା ଓ ଜାତୀୟ ସମ୍ମାନକୁ ସୁରକ୍ଷା ଦେବାକୁ ଯାଇ ଏପରି ବଳିଦାନ ଦେଇଛନ୍ତି । ବିଶ୍ୱକପ ନ ଖେଳିବା ନିଷ୍ପତ୍ତିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ ।" ସୁରକ୍ଷା ଆଳ ଦେଖାଇ ବାଂଲାଦେଶ ତା'ର ମ୍ୟାଚଗୁଡ଼ିକ ଭାରତ ବଦଳରେ ଶ୍ରୀଲଙ୍କାରେ ଆୟୋଜନ କରିବାକୁ ଆଇସିସିକୁ କହିଥିଲା । ହେଲେ ଆଇସିସି ତା'ର କୌଣସି କଥା ଶୁଣି ନଥିଲା । ବାଂଲାଦେଶ ଜିଦରେ ଅଟଳ ରହିବାରୁ ଆଇସିସି ବଳକୁ ପୂରା ବିଶ୍ୱକପରୁ ବାଦ ଦେଇ ସ୍ୱତନ୍ତ୍ରୟଣ୍ଡକୁ ସାମିଲ କରିଛି ।

ଥାଇଲ୍ୟାଣ୍ଡରୁ ଛାତିଥରା ଖବର : ୨୨ ପିଲାଙ୍କ ସହ ୩୪ ଜଣଙ୍କୁ ହତ୍ୟା କଲେ ପୂର୍ବତନ ପୁଲିସ କର୍ମଚାରୀ

ନୂଆଦିଲ୍ଲୀ, ୧୧/୨(ନ୍ୟୁ.ଏ): ଥାଇଲ୍ୟାଣ୍ଡରୁ ଆସିଲା ଦୁଃଖଦ ଖବର । ଜଣେ କି ଦୁଇଜଣ ନୁହେଁ ୩୪ ଜଣଙ୍କୁ ହତ୍ୟା କରାଯାଇଥିବା ଭଳି ଛାତିଥରା ଖବର ଆସିଛି । ସେଇଥିରେ ୨୨ ଜଣ ଶିଶୁ ମଧ୍ୟ ରହିଛନ୍ତି । ୨ଟି ଅଲଗା ଅଲଗା ଘଟଣାରେ ୩୪ ଜଣଙ୍କ ମୃତ୍ୟୁ ହୋଇଛି । ସେଇଁ ଘଟଣା ଏବ ସାରା ଦେଶକୁ ସ୍ତବ୍ଧ କରି ଦେଇଛି । ଜଣେ ପୂର୍ବତନ ପୁଲିସ ଅଧିକାରୀ ଏକ ତେ-ଜେୟାର ସେଂଟରରେ ପଶି ୩୪ ଜଣଙ୍କ ହତ୍ୟା କରିଛନ୍ତି । ଏହାସହ ଦକ୍ଷିଣ ଥାଇଲାଣ୍ଡରେ ଜଣେ ଯୁବକ ଏକ ସ୍କୁଲରେ ପଶି ୨ ଜଣଙ୍କୁ ଗୁରୁର ଭାବେ ଆଘାତ କରି ଜଣେ ମହିଳା କର୍ମଚାରୀଙ୍କୁ ବନ୍ଧକ ରଖିଛି । ଯାହାକି ଏବେ ସାରା ଥାଇଲାଣ୍ଡରେ ଭୟର ବାତାବରଣ ସୃଷ୍ଟି କରିଛି । ଥାଇଲାଣ୍ଡ ଇତିହାସରେ କେବେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିନଥିଲା । ଏବେ ଯେଉଁଳି ଆତଙ୍କ ଖେଳିଛି ଏହା ଇତିହାସରେ ପ୍ରଥମ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ତେବେ ତେ-କେୟାର ସେଂଟରରେ ପଶି ପୂର୍ବତନ ପୁଲିସ ଅଧିକାରୀ କାହିଁକି ଏଭଳି କାର୍ଡ ଲିଆଇଲେ ତାହାର କାରଣ ଅସ୍ପଷ୍ଟ ହୋଇଛି । ଆଖିବୁଜା ଗୁଳି ବର୍ଷା ପଛରେ କ'ଣ କାରଣ ରହିଛି ପୁଲିସ କାରଣ ଖୋଜୁଥିବାବେଳେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି । କାରଣ ଥାଇଲ୍ୟାଣ୍ଡ ଇତିହାସରେ କେବେ ମଧ୍ୟ ଏଭଳି ଗୁଳିକାଣ୍ଡ ଘଟିନାହିଁ । ୨୨ ଜଣ ପିଲାଙ୍କ ସହ ୧୨ ଜଣ ବୟସ୍କ ଲୋକ ପ୍ରାଣ ହରାଇଛନ୍ତି ।

ବିପଦରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ଚୌକି, ଷ୍ଟାର୍ମରଙ୍କ ଇସ୍ତଫା ଦାବି କରିଛି ଲେବର ପାର୍ଟି

ନୂଆଦିଲ୍ଲୀ,୧୧/୦୨: ଆମେରିକୀୟ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ସହ ଜଡ଼ିତ ସେହ ସ୍କାଣ୍ଡାଲରେ ନାମ ସାମ୍ନାକୁ ଆସିବା ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମରଙ୍କ ସବୁଠୁ ବିଶ୍ୱସ୍ତ ସହଯୋଗୀ ତଥା ଡାଇନିଂ ଷ୍ଟ୍ରିଟ ଚିଫ୍ ଅଫ୍ ଷ୍ଟାଫ୍ ମାର୍ଗନ୍ ମ୍ୟାକସିନି ରବିବାର ଇସ୍ତଫା ଦେଇଛନ୍ତି । ତାଙ୍କ ବିରୋଧରେ ଏପଷ୍ଟିନ୍‌ର ସମର୍ଥନ କରିଥିବା ପିଟର ମଣ୍ଡେଲସନ୍‌କୁ ଆମେରିକାରେ ବ୍ରିଟେନର ରାଷ୍ଟ୍ରଦୂତ କରି ପଠାଇଥିବା ଅଭିଯୋଗ ରହିଛି । ଏହାପରେ ଏବେ ସେହି ବିବାଦ ଲାଗି ଷ୍ଟାର୍ମରଙ୍କ ଚୌକି ବିପଦରେ ଥିବା ଚର୍ଚ୍ଚା କରାଯାଉଛି । ତାଙ୍କ ନିଜ ଦଳ ଲେବର ପାର୍ଟିର ଏକ ଗୋଷ୍ଠୀ ଷ୍ଟାର୍ମରଙ୍କ ଇସ୍ତଫା ଦାବି କରୁଛନ୍ତି । ଅବଶ୍ୟ ତମମ ବିରୋଧ ସତ୍ତ୍ୱେ ସେ ଏବେ ପଦ ଛାଡ଼ିବାକୁ ମନା କରିଛନ୍ତି । ସୋମବାର ଷ୍ଟାର୍ମର କହିଥିଲେ ଯେ, ସରକାର ଚଳାଇବାର ସଂକଳ୍ପ ସାର୍ବଜନିକ କର୍ତ୍ତବ୍ୟ ସହ ବାନ୍ଧି ହୋଇଛି । ତେଣୁ ବିବାଦ ମଧ୍ୟରେ ବି ସେ ଦେଶକୁ ବଦଳାଇବାର କାର୍ଯ୍ୟ ଜାରି ରଖିବେ । ସେହିପରି ପିଟର ମଣ୍ଡେଲସନ୍‌କୁ ନିଯୁକ୍ତି ନିଷ୍ପତ୍ତି ଭୁଲ୍ ଥିବା ସେ ସ୍ୱୀକାରକରିଛନ୍ତି । ଯଦି ଚାପବଶତଃ ଷ୍ଟାର୍ମର ଆଗକୁ ଇସ୍ତଫା ଦିଅନ୍ତି ତେବେ କାଶ୍ମୀର ବଂଶୋଦ୍ଭବ ଶବାନା ମହମୁଦ ତାଙ୍କ ସ୍ଥାନ ନେଇଯାଉଛନ୍ତି ବୋଲି ଚର୍ଚ୍ଚା କରାଯାଉଛି । ମହମୁଦ ଏବେ ବ୍ରିଟେନ୍‌ର ଗୃହମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି ।

ଏପ୍‌ଷ୍ଟିନ୍‌ର ପ୍ରାଇଭେଟ୍ ଜେଟ୍ 'ଲୋଲିତା ଏକ୍ସପ୍ରେସ୍', ଅଧିକ ଫାଇଲ ରିଲିଜ କରିବାକୁ ଦାବି

ନୂଆଦିଲ୍ଲୀ, ୧୧/୨(ନ୍ୟୁ.ଏ): କୁଖ୍ୟାତ ନାବାଳିକା ଯୌନ ଅପରାଧୀ ଏପଷ୍ଟିନ୍ ଏବେ ବିଶ୍ୱର ସବୁଠୁ ଚର୍ଚ୍ଚିତ ନାଁ । ମୃତ୍ୟୁକୁ ୭ ବର୍ଷ ବିତିଗଲାଣି, କିନ୍ତୁ ତା'ର କଳା କାରନାମାର ଗୋଟିଏ ପରେ ଗୋଟିଏ ରହସ୍ୟ ଏବେ ସାମ୍ନାକୁ ଆସୁଛି । ଏହା କରିଆରେ ବିଶ୍ୱର ଦମାମ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚେହେରା ବି ସାମ୍ନାକୁ ଆସୁଛି । ଏପଷ୍ଟିନ୍ ପ୍ରତ୍ୟେକ ନୂଆ ଫାଇଲ ଜାରି ହେବା ସହିତ ନୂଆ ରହସ୍ୟ ଉପରୁ ପରଦା ଉଠୁଛି । ଏପଷ୍ଟିନ୍ ଏକ ହାଇପ୍ରୋଫାଇଲ ଟ୍ରାଫିକିଙ୍ଗ୍ ର୍ୟାକେଟ୍ ଚଳାଉଥିଲା । ଏଥିରେ ନାବାଳିକାଙ୍କୁ ଜୋର କବରସ୍ତି ଶାରୀରିକ ଶୋଷଣ କରୁଥିଲା । ଏହି କିଶୋରୀମାନଙ୍କୁ ନିଜର ପ୍ରଭାବଶାଳୀ ଓ ଧନୀ ଗ୍ରାହକଙ୍କ ପାଖରେ ପହଂଚାଉଥିଲା । ଏଥିପାଇଁ ସେ ନିଜର ଜେଟ୍ ବ୍ୟବହାର କରୁଥିଲା । ଏହି ଜେଟରେ ପାର୍ଟି ହେଉଥିଲା, ଯେଉଁଥିରେ ୧୪ ବର୍ଷୀୟ କିଶୋରୀଙ୍କୁ ସାମିଲ କରାଯାଉଥିଲା । ସେଥିପାଇଁ ଏପଷ୍ଟିନ୍ ପ୍ରାଇଭେଟ୍ ଜେଟକୁ 'ଲୋଲିତା ଏକ୍ସପ୍ରେସ୍' ନାମ ଦିଆଯାଇଥିଲା । ବ୍ରୁଷ୍ଟ-ଆମେରିକୀୟ ଲେଖକ ଭ୍ଲାଡିମିର ନାବୋକୋଭ୍ ୧୯୫୫ରେ 'ଲୋଲିତା' ନାମକ ଏକ ଉପନ୍ୟାସ ଲେଖିଥିଲେ । ଏହାର ମୁଖ୍ୟ ଚରିତ୍ରର ନାଁ ଥିଲା ଲୋଲିତା । ଏପଷ୍ଟିନ୍ ପ୍ରାଇଭେଟ୍ ଜେଟ୍ ନାଁ ଏହି ଚରିତ୍ର ଦ୍ୱାରା ପ୍ରେରିତ ଥିଲା । କାରଣ ନାବୋକୋଭ୍ ନିଜ ଉପନ୍ୟାସରେ ଲୋଲିତା ନାମ୍ନୀ ଏକାଧିକ ଜଣେ ଝିଅର ଚରିତ୍ରକୁ ଉପସ୍ଥାପନ କରିଛନ୍ତି, ଯିଏ ନିଜ ବୟସ ତୁଳନାରେ ଅଧିକ ମୁଡ ଓ ଖୁବ୍ ଅଧିକ ସ୍ୱାଦବାଦୀ । ଲୋକଙ୍କୁ ଆକର୍ଷଣ କରିବା ଭଳି ସୌନ୍ଦର୍ଯ୍ୟର ସେ ଅଧିକାରିଣୀ । ନିଜ ସୌନ୍ଦର୍ଯ୍ୟର ଉପଯୋଗ ମଧ୍ୟ ତାକୁ ବେଶ ଜଣା । ପପ୍ ସଂସ୍କୃତିରେ 'ଲୋଲିତା' କମ୍ ବୟସ୍କ ଆକର୍ଷଣୀୟ ସୌନ୍ଦର୍ଯ୍ୟର ଅନ୍ୟ ନାମ ପାଲଟିଥିଲା । ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତି ଏପଷ୍ଟିନ୍ ବନ୍ଧୁ ଓ ଗ୍ରାହକ ଥିଲେ ସେମାନଙ୍କ ପାଇଁ ସେ ପାର୍ଟି ଆୟୋଜନ କରୁଥିଲା, ଯେଉଁଥିରେ ୧୪-୧୮ ବର୍ଷୀୟା ଝିଅ ରହୁଥିଲେ । ସେମାନଙ୍କୁ ପାର୍ଟିକୁ ନେବା ଲାଗି ଏପଷ୍ଟିନ୍ ନିଜର ଜେଟ୍ ବ୍ୟବହାର କରୁଥିଲା । ଲୋଲିତା ଏକ୍ସପ୍ରେସରେ ଯାତ୍ରା କରିଥିବା ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହୋଇଛି । ଭର୍ଜିନ ଦ୍ୱୀପରେ ସ୍ଥିତ ଏପଷ୍ଟିନର ଦ୍ୱୀପକୁ କେବଳ ହେଲିକପ୍ଟର କିମ୍ବା ଡଙ୍ଗା ଯାତାୟାତ କରୁଥିଲା । ଏପଷ୍ଟିନ୍ ସେଠାକୁ ଯିବା ଲାଗି ଲୋଲିତା ଏକ୍ସପ୍ରେସ୍ ବ୍ୟବହାର କରୁଥିଲା । ଏହା ଏକ ବୋଇଂ ୭୨୭-୧୦୦ ବିମାନ ଥିଲା । ଏହି ଜେଟ୍ ଜରିଆରେ ଝିଅମାନେ ଓ ତା'ର ଅତିଥି ସେଂଟ୍ ଥୋମାସ ସାମୁଦ୍ର କୂଳ ଯାଏ ଆସୁଥିଲେ । ତା'ପରେ ହେଲିକପ୍ଟରରେ ଏପଷ୍ଟିନ୍ ଦ୍ୱୀପକୁ ଯାଉଥିଲେ । ଏପଷ୍ଟିନ୍ ବର୍ଷ ବର୍ଷ ଧରି ନିଜର ଧନୀ ଓ ନାମୀ ବନ୍ଧୁଙ୍କ କୁକର୍ମକୁ ଲୁଚାଇବା ପାଇଁ 'ଲୋଲିତା ଏକ୍ସପ୍ରେସ୍'ର ବ୍ୟବହାର କରିଥିଲା । ଆମେରିକୀୟ ଯୌନ ଅପରାଧୀ ଜେଫରି ଏପଷ୍ଟିନର ପୀଡ଼ିତାମାନେ ଏପଷ୍ଟିନ୍ କଳାକୃତିଆର ଅଧିକ ରହସ୍ୟ ବାହାରକୁ ଆଣିବା ପାଇଁ ଦାବି କରିଛନ୍ତି । ଏପରି ଦାବି ନେଇ ପୀଡ଼ିତାଙ୍କ ବିଚାରପ ମଧ୍ୟ ଜାରି ହୋଇଛି । ଡ୍ୟାଲୁ ଡ୍ୱିଡ୍‌ଆଲଟ୍, ଏକ୍ସପ୍ରେସେସନ ଗ୍ରୁପ୍ ପକ୍ଷରୁ ଆମେରିକାରେ ସୁପର ବାଉଲ ସନ୍ଦର୍ଭରେ ଏକ ୪୦ ସେକେଣ୍ଡର ଭିଡିଓ ଜାରି କରାଯାଇଛି । ଏଥିରେ ପୀଡ଼ିତାମାନେ ନିଜ ନିଜର କିଶୋର ବୟସର ଫଟୋ ଧରିବା ସହ 'ଆମେ ସମସ୍ତେ ସତ ବାହାରକୁ ଆସୁ ବୋଲି ଚାହୁଁ' କହିଛନ୍ତି । ଭିଡିଓର ଜଣେ ପରେ ଜଣେ କ୍ୟାମେରା ଆଗକୁ ଆସୁଛନ୍ତି । ବର୍ଷ ବର୍ଷ ଧରି ନୀରବ ଏବଂ ଏକୁଟିଆ ରହିବା ପରେ ଏବେ ଏକାଠି ହୋଇଛୁ, କାରଣ ଏହି ପିଲାମାନେ ସତ କାହିଁବାକୁ ଚାହାନ୍ତି ବୋଲି ସେମାନେ ମିଳିତ ଭାବେ ପ୍ରକାଶ କରିଛନ୍ତି । କେବଳ ଏପଷ୍ଟିନଙ୍କ ବାବଦରେ ନୁହେଁ ବରଂ ଏହି ଯୌନ ଅପରାଧୀଙ୍କୁ ସହଯୋଗ କରିଥିବା ଏବଂ ତାଙ୍କୁ ସକ୍ଷମ କରିଥିବା ସମସ୍ତ ବ୍ୟକ୍ତିଙ୍କ ସହ ଜଡ଼ିତ ସୂଚନା ସାର୍ବଜନୀନ କରିବାକୁ ପୀଡ଼ିତାମାନେ ଦାବି କରିଛନ୍ତି । ଭିଡିଓରେ ଶେଷ ଭାଗରେ ଏକ ବାର୍ତ୍ତା ରହିଛି 'ଆମ ସହ ଛିଡ଼ା ହୁଅ । ଆଟର୍ଣ୍ଣି ଜେନେରାଲ ପାମ୍ ବଣ୍ଡିଙ୍କୁ କୁହ: ଏବେ ସତର ସମୟ ଆସିଛି ।' ନ୍ୟାସନାଲ ଫୁଟବଲ ଲିଗକୁ ଆମେରିକାରେ ବହୁସଂଖ୍ୟାରେ ଲୋକ ଦେଖୁଥିବାରୁ ସୁପର୍ ବାଉଲ ସନ୍ଦର୍ଭରେ ଏହି ବାର୍ତ୍ତା ପ୍ରସାରଣ କରାଯାଇଛି, ଯାହା ଦ୍ୱାରା ଅଧିକାଂଶ ଆମେରିକୀୟ ତାହାକୁ ଦେଖିପାରିବେ । ଫେବୃଆରୀ ମାସର ଦ୍ୱିତୀୟ ରବିବାର ନ୍ୟାସନାଲ ଫୁଟବଲ ଲିଗ ବାର୍ଷିକ ଚାମ୍ପିୟନସିପ୍ ଗେମ୍ ଡେ'କୁ ସୁପର ବାଉଲ ସନ୍ଦେ କୁହାଯାଏ । ପୁକାଖଥାର ଜି, ଆମେରିକାର ନ୍ୟାୟ ବିଭାଗ ଗତବର୍ଷ ଡିସେମ୍ବରରେ ସବୁ ଫାଇଲ ରିଲିଜ କରିବାର ଥିଲା । କିନ୍ତୁ ଅବ୍ୟାବଧ ଅଙ୍ଗ ଫାଇଲ ଲାଗି ହୋଇଥିବାବେଳେ ଆହୁରି ଲକ୍ଷ ଲକ୍ଷ ଫାଇଲ ସାମ୍ନାକୁ ଆସିନାହିଁ । ପ୍ରକାଶିତ ହୋଇ ନ ଥିବା ଫାଇଲଗୁଡ଼ିକ ଅପ୍ରାସଙ୍ଗିକ, ନକଲି କିମ୍ବା ବିଚାରମୂଳକ ପ୍ରକ୍ରିୟା କିମ୍ବା ବିଶେଷାଧିକାର ଆଇନ ବଳରେ ଲୁଚାଯାଇଥିବା ନ୍ୟାୟ ବିଭାଗ କହିଛି । ଏଥିସହ ଅନେକରେ ହିଂସା ବାବଦ ତଥ୍ୟ ରହିଛି ବୋଲି ବିଭାଗ ପକ୍ଷରୁ ଜଣାଯାଇଛି ।

ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ବଡ଼ ଖୁଲାସା; ଶେଷ ମୁହୂର୍ତ୍ତରେ ବଦଳିଥିଲେ ପାଇଲଟ୍

ମୁମ୍ବାଇ, ୧୧/୨(ନ୍ୟୁ.ଏ):ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ନେତା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ, ପରିବାର ସଦସ୍ୟମାନେ ଏବେ ଷଡ଼ଯନ୍ତ୍ରର ଗନ୍ଧୀ ଅଭିଯୋଗ ଆଣିଛନ୍ତି । ଅଜିତ ପାୱାରଙ୍କ ପୁତୁରା ତଥା ଏନସିପି ଶରଦ ପାୱାର ଗୋଷ୍ଠୀ ବିଧାୟକ ରୋହିତ ପାୱାର ବିଲ୍ଲୁରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୁର୍ଘଟଣାକୁ ଏକ ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ସେ ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ୍ ସୁମିତ କପୁରଙ୍କ ଭୂମିକାକୁ ବିଶେଷ ସନ୍ଦେହଜନକ ବୋଲି କହିଛନ୍ତି । ଜାନୁଆରୀ ୨୮ ତାରିଖରେ, ବାରାମତି ବିମାନବନ୍ଦର ନିକଟରେ ଲିଅରଜେଟ୍-୪୫ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ପାଂଚ ଜଣଙ୍କର ମୃତ୍ୟୁ ହୋଇଥିଲା । ଏଥିରେ ପାଇଲଟ୍ ସୁମିତ କପୁର, କୋ-ପାଇଲଟ୍ ଶାମବୀ ପାଠକ, ସିଏସ୍‌ଓ ବିଦୀପ ଜାଧବ ଓ ବିମାନ ପରିଚାରିକା ପିଙ୍କି ମାଲି ଥିଲେ । ମୁମ୍ବାଇ:ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ନେତା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ, ପରିବାର ସଦସ୍ୟମାନେ ଏବେ ଷଡ଼ଯନ୍ତ୍ରର ଗନ୍ଧୀ ଅଭିଯୋଗ ଆଣିଛନ୍ତି । ଅଜିତ ପାୱାରଙ୍କ ପୁତୁରା ତଥା ଏନସିପି ଶରଦ ପାୱାର ଗୋଷ୍ଠୀ ବିଧାୟକ ରୋହିତ ପାୱାର ବିଲ୍ଲୁରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୁର୍ଘଟଣାକୁ ଏକ ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ସେ ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ୍ ସୁମିତ କପୁରଙ୍କ ଭୂମିକାକୁ ବିଶେଷ ସନ୍ଦେହଜନକ ବୋଲି କହିଛନ୍ତି । ଜାନୁଆରୀ ୨୮ ତାରିଖରେ, ବାରାମତି ବିମାନବନ୍ଦର ନିକଟରେ ଲିଅରଜେଟ୍-୪୫ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ପାଂଚ ଜଣଙ